# ୬ ବର୍ଷ ପରେ ବି ଜମିର କ୍ଷତିପୂରଣ ପାଇଲେନି ରାଇଗୋଡ଼ାବାସୀ









ଅନୁଗୋଳ ୯ ।୧ (ସଂଗ୍ରାମ ଦାସ)

ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରୁ ୨୦୧୮ ମସିହାରେ ରାଇଗୋଡ଼ା ଗ୍ରାମ ବିସ୍ଥାପନ ହୋଇଥିଲା। ବିସ୍ଥାପନ ପୂର୍ବରୁ ବନ ବିଭାଗ ଏବଂ ପ୍ରଶାସନ ଗ୍ରାମବାସୀଙ୍କୁ ଏକ ପୂର୍ଣ୍ଣ ବିକଶିତ ଆଦର୍ଶ ଗ୍ରାମର ପ୍ରତିଶ୍ରୁତି ଦେଇଥିଲା। ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଗ୍ରାମକୁ ବିସ୍ଥାପନ କଲା ପରେ ଏକ ଚକମା ଦେଖାଇଥିବା ଜଣାପଡିଲା। ଗ୍ରାମର ସରକାରୀ

**● ପ୍ରଶାସନିକ ଅବହେଳା ଏବଂ ରାଜନୈତିକ ସ୍ଥାଣୁତା ପ୍ରମୁଖ କାରଣ**

**● ୩୦୦ ଏକର ଜମି ଛାଡ଼ିଥିବା ଗ୍ରାମବାସୀ ହୀନସ୍ତା ଭୋଗୁଛନ୍ତି**

ଗାଇଡଲାଇନ୍ ଆଧାରରେ ଏକଶହ ପରିବାର ରହିଥିବା ବେଳେ ସଠିକ୍ ସର୍ଭେ ନ କରି ଗାଁରେ ବିଭାଜନ ସୃଷ୍ଟି କରାଯାଇଥିଲା। ଗ୍ରାମର ୨୨ ପରିବାରକୁ କୌଣସି ପ୍ୟାକେଜ୍ ନଦେଇ ୭୮ଟି ପରିବାରକୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ୟାକେଜ୍ ଦିଆଯାଇଥିଲା। ୨୨ ଟି ଆଦିବାସୀ ଓ ହରିଜନ ପରିବାର ନ୍ୟାୟାଳୟର ଆଶ୍ରୟ ନେଇଥିବା ବେଳେ ପ୍ରଶାସନ ତା'ର କୌଣସି ବିଚାର କରିନଥିଲା। କ୍ଷତିଗ୍ରସ୍ତ ଗ୍ରାମବାସୀ ଅତ୍ୟନ୍ତ ଦରିଦ୍ର ଥିବାରୁ ନ୍ୟାୟଳୟରେ ମକଦ୍ଦୋମା ଚାଲୁ ରଖିବାକୁ ଅସମର୍ଥ ହୋଇଥିଲେ। ଏହାର ସୁଯୋଗରେ ବନ ବିଭାଗ ଜାଣିଶୁଣି ୨୨ ଟି ପରିବାରକୁ ନିରାଶ କରିଥିଲା। ଅପରପକ୍ଷରେ ରାଇଗୋଡ଼ା ଏକ ରାଜସ୍ୱ ଗ୍ରାମ ହୋଇଥିବାରୁ ଗ୍ରାମରେ ୧୬୩ ଏକର ଘରୋଇ ଜମିଜମା ରେକର୍ଡ ଥିବାବେଳେ ପ୍ରାୟ ୨୦୦ ଏକର ସରକାରୀ ଗୋଷ୍ଠୀଗତ ଜମି ଜଙ୍ଗଲ, ଶ୍ମଶାନ, ବଗାୟିତ, ଗୋଚର ରହିଥିଲା। ଗ୍ରାମର ଶତକଡା ୯୫ ପ୍ରତିଶତ ଆଦିବାସୀ କନ୍ଧ ପରିବାର ରହିଥିବା ବେଳେ ୫ ପ୍ରତିଶତ ହରିଜନ ପରିବାର ଥିଲେ। ଜଙ୍ଗଲ ଅଧିକାର ଆଇନ୍ ବଳରେ ଗ୍ରାମରେ ଜଙ୍ଗଲ ଅଧିକାର ସ୍ୱୀକୃତି ନେଇ କୌଣସି ସରକାରୀ କାର୍ଯ୍ୟକ୍ରମ କରାଯାଇନାହିଁ। ଗାଁରେ ରହିଥିବା ପରିବେଶ ବିକାଶ ସମିତିର ଗୋଷ୍ଠୀ ସମ୍ପଦର କୌଣସି ହିସାବ ପତ୍ର ନାହିଁ। ଗ୍ରାମବାସୀ ଗାଁରୁ ବିସ୍ଥାପିତ ହେବା ପରେ ସେମାନଙ୍କର ଜମିଜମାର କ୍ଷତିପୂରଣ ଅତି ନଗଣ୍ୟ ଭାବେ ସରକାରୀ ବେଞ୍ଚ ମାର୍କରେ ପ୍ରଦାନ କରାଯାଇଛି। ବର୍ତ୍ତମାନ ୧୦ ଲକ୍ଷ ଟଙ୍କା କ୍ଷତିଗ୍ରସ୍ତ ପରିବାରକୁ ପ୍ରଦାନ କରାଯାଇନାହିଁ। ପ୍ରକାଶଥାଉ କି, ଗ୍ରାମ ବିସ୍ଥାପନ ପୂର୍ବରୁ ଏକ ସଠିକ୍ ଢଙ୍ଗରେ ସର୍ଭେ ହେବା କଥା, ମାତ୍ର ତରବରିଆଭାବେ ସର୍ଭେ କରାଯାଇ ଗ୍ରାମବାସୀଙ୍କୁ ଅନ୍ଧାରରେ ରଖାଯାଇଥିଲା। ଗ୍ରାମରେ ୧୯୨୫-୨୮ ମସିହାପରେ ୧୯୫୨-୬୨ ର ଭୂବନ୍ଦୋବସ୍ତ ହୋଇଥିଲା। ଗ୍ରାମର ଘରୋଇ ଜମି ରେକର୍ଡ ଅଜା ଓ ପଣିଅଜା ନାମରେ ରହିଥିବା ବେଳେ ରାଜସ୍ୱ ବିଭାଗ ପକ୍ଷରୁ ସଠିକ୍ ଭାବେ ରେକର୍ଡଧାରୀଙ୍କ ବଂଶାବଳୀ ସର୍ଭେ ହୋଇନଥିଲା। ଜଣେ ଦୁର୍ନୀତିଗ୍ରସ୍ତ ପୂର୍ବତନ ତହସିଲଦାର୍ ମନଇଛା କ୍ଷତିପୂରଣ ପେମେଣ୍ଟ କରିଥିବାରୁ ଗ୍ରାମରେ ବହୁ ଜମି ରେକର୍ଡଧାରୀଙ୍କ ଉତ୍ତରାଧିକାରୀ ନିଜର କ୍ଷତିପୂରଣ ପାଇପାରିନାହାନ୍ତି। ଏପରିକି ବର୍ତ୍ତମାନ ସୁଦ୍ଧା ୧୧ ଲକ୍ଷ ଟଙ୍କା କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କୁ ପ୍ରଦାନ କରାଯାଇ ପାରିନାହିଁ। ଗ୍ରାମବାସୀ ଘରୋଇ ଜମି ୧୬୩ ଏକର ହରାଇଥିବା ବେଳେ ସରକାରୀ ରାଜସ୍ୱ ଗୋଷ୍ଠୀଗତ ଜମି ପ୍ରାୟ ୨୦୦ ଏକର ହରାଇଛନ୍ତି। ସରକାରୀ ଭାବେ ପ୍ରତ୍ୟେକ ପରିବାରକୁ ୪ ଡିସିମିଲି ଘରବାରି ଜମି ଦିଆଯାଇଛି। ଗ୍ରାମର ୭ ଟି ପରିବାର ଜମି ଓ ଘର ପାଇ ନ ଥିବା ଗ୍ରାମବାସୀ ବହୁବାର ଅଭିଯୋଗ କରିଆସୁଛନ୍ତି। ଗ୍ରାମବାସୀଙ୍କ ପାଇଁ କୌଣସି ଜୀବନଜୀବିକାର ରୋଜଗାର ପାଇଁ ବ୍ୟବସ୍ଥା ନାହିଁ। ଗ୍ରାମବାସୀଙ୍କ କ୍ଷତିପୂରଣ ପ୍ୟାକେଜ୍ ଗ୍ରାମଠାରୁ ବହୁଦୂର ଜିନ୍ଦଲ କମ୍ପାନୀ ପରିସର ଭିତରେ ଏକ ବ୍ୟାଙ୍କରେ ଜମା ରଖାଯିବା ଦ୍ୱାରା ୫ ବର୍ଷ ଯାଏ ଗ୍ରାମବାସୀ ଟଙ୍କା ଉଠାଇ କୌଣସି ଜମିବାଡ଼ି କ୍ରୟ କରିପାରିଲେ ନାହିଁ। ଗ୍ରାମବାସୀଙ୍କ ନିଜସ୍ୱ ଚାଷ ଜମି ନାହିଁ ଏବଂ ଜୀବନଜୀବିକା ପାଇଁ ବିକଳ୍ପ ଯୋଜନା ଓ ବ୍ୟବସ୍ଥା ନାହିଁ। ଏପରିକି ଶାଗ କିଆରି କରିବା ପାଇଁ ମାଟି ଟିକେ ନାହିଁ। ଗାଁରୁ ବିସ୍ଥାପନ ପରେ ଗ୍ରାମବାସୀ ଭୁଲ୍ କରି ବାରମ୍ବାର ମନସ୍ତାପ କରୁଥିବା ଜଣାଯାଇଛି। ସରକାରୀ ଆଇନ୍ ଓ ନୀତି ଆଧାରରେ ପ୍ରତ୍ୟେକ ପରିବାରକୁ ଚାଷ ଜମି ଯୋଗାଇଦେବା ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ପ୍ରଶାସନ ଓ ବନ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଉନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଗ୍ରାମ ବିସ୍ଥାପନ ପରେ ଗ୍ରାମର ଉନ୍ନତି କରିବା ତ ଦୂରର କଥା ଗ୍ରାମବାସୀଙ୍କ ୧୧ ଲକ୍ଷ ଟଙ୍କା ଜମିର କ୍ଷତିପୂରଣ ଟଙ୍କା ମଧ୍ୟ ପ୍ରଦାନ କରିବାରେ ପ୍ରଶାସନ ବିଫଳ ହୋଇଛି।

## ଚୋରା କୋଇଲାବୋଝେଇ ଟ୍ରକ୍ ଓ ଲୋଡର୍ ଜବତ

**ତାଳଚେରସଦର ୯ ।୧(ସମିସ):** ଗତକାଲି ବଳିମ୍ବିତ ରାତ୍ରି ଟାଉନ ଥାନା ଅନ୍ତର୍ଗତ ଲିଙ୍ଗରାଜ କୋଇଲା ଖଣିରୁ ଏକ ଲୋଡର୍ (ଓଡ଼ି ୧୯ଏ/୮୮୮୪) ସାହାଯ୍ୟରେ ୨ଟି ଟ୍ରକ ( ଓଡ଼ି୩୫ଇ-୭୭୪୪) ଏବଂ (ଓଡ଼ି ୧୬ସି -୦୭୬୪)ରେ ବେଆଇନଭାବେ କୋଇଲା ବୋଝେଇ କରୁଥିବା ବେଳେ କୌଣସି ସୂତ୍ରରୁ ସିଆଇଏସଏଫ୍ ଖବର ପାଇ ଘଟଣାସ୍ଥଳରେ ଉକ୍ତ ଗାଡ଼ିଗୁଡ଼ିକୁ



ଠାବ କରିଥିଲେ। ଉକ୍ତ ଗାଡ଼ିର ଚାଳକ ଏହା ଜାଣିପାରିବା ପରେ ଆଖିପିଛୁଳାକେ କୌଶଳକ୍ରମେ ଦୌଡ଼ି ସେଠାରୁ ପଳାଇ ଯାଇଥିଲେ। ସିଆଇଏସଏଫ୍ ଟିମ୍ ଉକ୍ତ ଗାଡ଼ିଗୁଡ଼ିକୁ ଜବତ କରିଛି। ସେହିପରି ଗତକାଲି ବିଳମ୍ବିତ ରାତିରେ ଭୁବନେଶ୍ୱରୀ କୋଇଲା ଖଣିରେ ୨ଟି ଚୋରା କୋଇଲା ବୋଝେଇ ଟ୍ରକ୍ ଜବତ ହୋଇଥିବା ଜଣାପଡ଼ିଛି।

## ଜିଲ୍ଲା ମହୋତ୍ସବ ପାଇଁ ମା' ହିଙ୍ଗୁଳାଙ୍କ ମନ୍ଦିରରୁ ବାହାରିଲା ଶୋଭାଯାତ୍ରା

**ତାଳଚେରସଦର ୯ ।୧(ସମିସ):** ଆସନ୍ତା ୧୨ତାରିଖରୁ ଆରମ୍ଭ ହେବାକୁ ଥିବା ଏକାଦଶମ ଅନୁଗୋଳର ଜିଲ୍ଲା ମହୋତ୍ସବ ପାଇଁ ତାଳଚେର ଅଧିଷ୍ଠାତ୍ରୀ ମା' ହିଙ୍ଗୁଳାଙ୍କ ମନ୍ଦିରରେ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରାଯାଇଥିଲା। ଏକ ମଶାଲ ଶୋଭାଯାତ୍ରା ମା'ଙ୍କ ନିକଟରେ ପହଞ୍ଚିବା ପରେ ଏହାକୁ ଭବ୍ୟ ସ୍ୱାଗତ କରାଯାଇ ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଏହି ମଶାଲ ଶୋଭାଯାତ୍ରା ଅନୁଗୋଳ ଅଭିମୁଖେ ଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ମହେଶ ସାହୁ, ବିଧାୟକ ବ୍ରଜ ପ୍ରଧାନ, ତାଳଚେର ଉପଜିଲ୍ଲାପାଳ ମନୋଜ ତ୍ରିପାଠୀ, ବିଡିଓ ଚିନ୍ମୟୀ ଚେତନା ଦାସଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

## ବାମୁରକୁ ହରାଇ କଦଳୀମୁଣ୍ଡା ଫାଇନାଲରେ

**କିଶୋରନଗର, ୯।୧(ସମିସ):** କିଶୋରନଗର ବ୍ଲକ ଝାମ୍ପୁଲୀ ମା' ଠାକୁରାଣୀ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ସ୍ଥାନୀୟ ସରପଞ୍ଚଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଆଜିର ମ୍ୟାଚରେ ବାମୁର ଦଳକୁ ହରାଇ କଦଳୀମୁଣ୍ଡା ଫାଇନାଲକୁ ପ୍ରବେଶ କରିଛି। ମ୍ୟାଚରେ ଅମ୍ପାୟାର ଭାବେ ଗଣପତି ପ୍ରଧାନ ଓ ସରୋଜ ପ୍ରଧାନ ଦାୟିତ୍ୱ ତୁଲାଉଥିବା ବେଳେ ଅବିନାଶ ସାହୁ ସ୍କୋରର ଥିଲେ। କାହ୍ନୁ ମାଝୀ ଧାରା ବିବରଣୀ ପ୍ରଦାନ କରିଥିଲେ।

## କଣ୍ଟେନରରେ ଗୋରୁଚାଲାଣ ବେଳେ ୩ ଅଟକ



**ପାଲଲହଡ଼ା, ୯।୧(ସମିସ):** ରବିବାର ସନ୍ଧ୍ୟା ସମୟରେ ୪୯ ନମ୍ବର ଜାତୀୟ ରାଜପଥ କାଇଁଶିରିପାଲି ଛକ ନିକଟରେ ଖମାର ଓ କଣିହାଁ ଅଞ୍ଚଳରୁ କଲିକତାକୁ ଚାଲାଣ ହେଉଥିବା ଗୋରୁ ବୋଝେଇ କଣ୍ଟେନରକୁ ସ୍ଥାନୀୟ ଯୁବକମାନଙ୍କ ଦ୍ୱାରା ଜବତ କରାଯାଇଥିବା ଜଣାପଡିଛି। ସନ୍ଧ୍ୟାରେ କୌଣସି ସୂତ୍ରରୁ ଖବର ପାଇ ସ୍ଥାନୀୟ ଯୁବକଙ୍କ ଦ୍ୱାରା ଜାତୀୟ ରାଜପଥ କାଇଁଶିରିପାଲି ଛକ ନିକଟରେ ଏକ ଗୋରୁ ବୋଝେଇ କଣ୍ଟେନର ଅଟକାଇ ଥିଲେ। କଣ୍ଟେନରରେ ଥିବା ଚାଳକ ଏସ କେ ସହଦତ୍ତ ଅଲ୍ଲୀ (୩୦)ସହିତ ଦୁଇଜଣ ଗୋରୁ ଚାଲାଣକାରୀ ଏସ କେ ଅମୀର (୨୦)ଓ ଆର ସେସା (୨୪)କଣ୍ଟେନରରେ ଥିବା ୩୬ ଟି ଗୋରୁଙ୍କୁ ବୋଝେଇ କରି ମୟୂରଭଞ୍ଜ ହାଟବାଦୀଳା ହାଟକୁ ଚାଲାଣ କରୁଥିବା ସମୟରେ ସ୍ଥାନୀୟ ଯୁବକ ଅଟକାଇଥିଲେ। ଯାହା ଫଳରେ ଗୋରୁ ଚାଲାଣକାରୀ ଓ କଣ୍ଟେନର ଚାଳକ ଗାଡ଼ି ଛାଡ଼ି ଗୋରୁବୋଝେଇ କଣ୍ଟେନରକୁ ନିଆଁ ଲଗାଇ ଗୋରୁ ଚାଲାଣକାରୀ ଅନ୍ୟ ଏକ ଟ୍ରକରେ ଫେରାର ହେବାକୁ ଚେଷ୍ଟା କରୁଥିବା ସମୟରେ ସ୍ଥାନୀୟ ଯୁବକଙ୍କ ଦ୍ୱାରା

**● ଅନୁଗୋଳ ଗୋଶାଳାକୁ ପଠାଗଲା ଉଦ୍ଧାର ଗୋରୁ**

ଧରାପଡ଼ିଥିଲେ। ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। ଘଟଣାସ୍ଥଳରେ ପାଲଲହଡ଼ା ଥାନା ଅଧିକାରୀ ପାରାଓ ଟୁଡୁ ପୁଲିସ ବାହିନୀ ସହିତ ପହଞ୍ଚି ଗୋରୁ ଚାଲାଣକାରୀ ତିନିଜଣଙ୍କୁ ଅଟକ ରଖିବା ସହିତ ଗୋରୁ ଓ କଣ୍ଟେନରକୁ ଜବତ କରିଥିଲେ। ସୋମବାର ପାଲଲହଡ଼ା ପୁଲିସ ଗୋରୁ ଚାଲାଣକାରୀଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ମଙ୍ଗଳବାର ସ୍ଥାନୀୟ ଗୋ ସୁରକ୍ଷା ସଂଗଠନ ସହିତ ମିଶି ଅନଗୁଳ ସ୍ଥିତ ଗୋଶାଳାକୁ ପଠାଇଥିବା ଜଣାପଡିଛି।

## ଗଡ଼ିଲା ଜୟ ଜଗନ୍ନାଥ ଅର୍ପଣ ରଥ



**ପାଲଲହଡ଼ା, ୯।୧(ସମିସ):** ପାଲଲହଡ଼ା ଉପଖଣ୍ଡରେ ସୋମବାରଠାରୁ ଅର୍ପଣ ରଥ ପରିକ୍ରମା ଆରମ୍ଭ ହୋଇଯାଇଛି। ସୋମବାର ପବିତ୍ରପୁର, ଆଲୋରି, ବନ୍ଧାଭୂଇଁ, କରଡ଼ାପାଳ , ବଡିସୁଁଆ ଏବଂ ମୁଣ୍ଡରିବେଡ଼ା ପଞ୍ଚାୟତରୁ ଏହି ରଥ ଆରମ୍ଭ ହୋଇଛି। ସେହିପରି ମଙ୍ଗଳବାର ଚଷାଗୁରୁଜାଙ୍ଗ, ଝାରବେଡ଼ା, ଡିମିରିଆ, ଖେମଲା, କୁଞ୍ଚାମ ଏବଂ ପେଚାମୁଣ୍ଡି ଗ୍ରାମ ପଞ୍ଚାୟତକୁ ଗସ୍ତ କରିଥିଲା। ପେଚାମୁଣ୍ଡି ପଞ୍ଚାୟତରେ ଶ୍ରୀମନ୍ଦିର ପରିକ୍ରମା ରଥ ସରପଞ୍ଚ ରମେଶ ପ୍ରଧାନଙ୍କ ନେତୃତ୍ୱରେ ପ୍ରଥମେ ଢୁଇପାଣି ଗ୍ରାମରୁ ଗ୍ରାମବାସୀଙ୍କ ଉପସ୍ଥିତରେ ପୂଜାର୍ଚ୍ଚନା କରି ଶୁଭାରମ୍ଭ କରାଯାଇଥିଲା। ପ୍ରତ୍ୟେକ ଘରକୁ ରଥ ଯାଇଥିବା ବେଳେ ଜନସାଧାରଣ ଅଭୁତପୂର୍ବ ଉତ୍ସାହ ସହିତ ବନ୍ଦାପନା କରି ଅରୁଆ ଚାଉଳ ଏବଂ ଗୁଆ ଅର୍ପଣ କରିଥିଲେ। ଶହ ଶହ ଗ୍ରାମବାସୀ ଶ୍ରୀ ଜଗନ୍ନାଥ ପରିକ୍ରମା ରଥ ସହିତ ପଞ୍ଚାୟତର ପ୍ରତ୍ୟେକ ଘରକୁ ଘର ଯାଇ ଚାଉଳ ଓ ଗୁଆ ସଂଗ୍ରହ କରିଥିଲେ।

## ୪୩୬ ଛାତ୍ରଛାତ୍ରୀ ଦେଲେ ପ୍ରବେଶିକା ପରୀକ୍ଷା

**କଣିହାଁ ୯ ।୧(ସମିସ):** କଣିହାଁ ବ୍ଲକ ଝରାବେରିଣି ସ୍ଥିତ ଆଦର୍ଶ ବିଦ୍ୟାଳୟରେ ନାମଲେଖା ପାଇଁ ମଙ୍ଗଳବାର ପ୍ରବେଶିକା ପରୀକ୍ଷା ଦୁଇଟି କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। କଣିହାଁ ପବିତ୍ର ମୋହନ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ଷଷ୍ଠ ଶ୍ରେଣୀରେ ନାମଲେଖା ପାଇଁ ୨୯୪ ପରୀକ୍ଷା ଦେଇଥିବା ବେଳେ ୬ ଜଣ ଅନୁପସ୍ଥିତ ରହିଥିଲେ। ସେହିପରି ଆଦର୍ଶ ବିଦ୍ୟାଳୟ ଝରାବେରଣୀରେ ଅନୁଷ୍ଠିତ ପରୀକ୍ଷା କେନ୍ଦ୍ରରେ ଷଷ୍ଠ, ସପ୍ତମ, ଅଷ୍ଟମ, ନବମ ପାଇଁ ୧୪୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୧୦ ଜଣ ଅନୁପସ୍ଥିତ ରହିଥିଲେ। କଣିହାଁ ପରୀକ୍ଷା କେନ୍ଦ୍ରରେ ସୁପରଟେଣ୍ଡେଣ୍ଟଭାବେ ପ୍ରଧାନ ଶିକ୍ଷକ




ଦାସରଥି ଜେନା ଦାୟିତ୍ୱ ପରିଚାଳନା କରିଥିଲେ। ଆଦର୍ଶ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ବିଦ୍ୟାଳୟ ଅଧକ୍ଷ ସୁମନ୍ତ ନାୟକଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ଶିକ୍ଷକ ରାକେଶ ପାଣିଙ୍କ ସହିତ ପ୍ରମୁଖ ବିଭାଗୀୟ କର୍ମଚାରୀ ସହଯୋଗ କରିଥିଲେ ଓ ପରୀକ୍ଷା ଫଳ ପ୍ରକାଶ ପରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର ବିଦ୍ୟାଳୟରେ ପାଠ ପଢିବା ପାଇଁ ନାମ ଲେଖାଇ ପାରିବେ।

## ଅଯୋଧ୍ୟାରୁ ଆସିଥିବା ଅକ୍ଷତ ଓ ନିମନ୍ତ୍ରଣ ପତ୍ର ବର୍ଣ୍ଟନ

**ତାଳଚେର, ୯ ।୧(ସମିସ):** ଦୀର୍ଘ ୫୦୦ ବର୍ଷ ପରେ ଶ୍ରୀରାମ ଜନ୍ମଭୂମୀ ଅଯୋଧ୍ୟାରେ ଆସନ୍ତା ଜାନୁୟାରୀ ୨୨ ତାରିଖରେ ପ୍ରଭୁ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହେବ। ତାଳଚେରରେ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଅଯୋଧ୍ୟା ପକ୍ଷରୁ ଘର ଘର ବୁଲି ନିମନ୍ତ୍ରଣ ପତ୍ର, ଅକ୍ଷତ ଓ ପ୍ରଭୁ ଶ୍ରୀରାମଙ୍କ ଫଟୋଚିତ୍ର ବର୍ଣ୍ଟନ କରାଯାଇଛି। ସମଗ୍ର ତାଳଚେରରେ ସବୁ ଘରେ ନିମନ୍ତ୍ରଣ ପହଞ୍ଚାଇବା ପାଇଁ ସ୍ୱତନ୍ତ୍ର ଭାବେ ଦାୟିତ୍ୱ ବର୍ଣ୍ଟନ କରାଯାଇଛି। ତାଳଚେର ପୌରାଞ୍ଚଳର ସମସ୍ତ ୱାର୍ଡ, ତାଳଚେର ବ୍ଲକର ସମସ୍ତ ଗ୍ରାମ, କଣିହାଁ ବ୍ଲକର ସମସ୍ତ ଗ୍ରାମରେ ଅକ୍ଷତ ଶୋଭାଯାତ୍ରା ବାହାରି ନିମନ୍ତ୍ରଣ ପତ୍ର ବର୍ଣ୍ଟନ ଚାଲୁ ରହିଛି। ଜାନୁୟାରୀ ୧୫ ତାରିଖ ମଧ୍ୟରେ ସମଗ୍ର ତାଳଚେରର ସବୁ ଘରେ ନିମନ୍ତ୍ରଣ ପହଞ୍ଚାଯିବ ବୋଲି ପ୍ରକାଶ। ତାଳଚେର ନଗରରେ ୱାର୍ଡ, ୧, ୨, ୩, ୪, ୧୮, ୧୯, ୨୦, ୨୧, ୧୩ ରେ ଏହି ବିତରଣ ଚାଲୁ ରହିଛି। ଅନ୍ୟ ସମସ୍ତ ୱାର୍ଡରେ ଦୁଇଦିନ ମଧ୍ୟରେ ଘରେ ଘରେ ଅକ୍ଷତ ସହ ନିମନ୍ତ୍ରଣ ପତ୍ର ପହଞ୍ଚାଯିବ ବୋଲି ଶ୍ରୀରାମ ଜନ୍ମଭୂମୀ ତୀର୍ଥକ୍ଷେତ୍ର ଅଯୋଧ୍ୟା ତାଳଚେର ସହ ସଂଯୋଜକ ପର୍ଶୁରାମ ବାରିକ ପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସଂଘର ବିଭିନ୍ନ କ୍ଷେତ୍ରର କାର୍ଯ୍ୟକର୍ତ୍ତା, ସମସ୍ତ ରାମଭକ୍ତ, ବିଶିଷ୍ଟ ବ୍ୟକ୍ତି, ସଂକୀର୍ତ୍ତନ ମଣ୍ଡଳୀ, ଧର୍ମାନୁଷ୍ଠାନ ସାମିଲ ହୋଇ ପ୍ରଭୁ ଶ୍ରୀରାମଙ୍କ କାର୍ଯ୍ୟରେ



ଭବ୍ୟ ପରିବେଶ ମଧ୍ୟରେ ଅକ୍ଷତ ବର୍ଣ୍ଟନ କରୁଛନ୍ତି। ରାମଭକ୍ତ ପର୍ଶୁରାମ ବାରିକ, ମାୟାଧର ସାହୁ, ଅନିତା ବିଶ୍ୱାଳ, କବିତା ବେହେରା, କାଳନ୍ଦି ପ୍ରଧାନ, ନିରୋଜ ଦାସ, ଜ୍ଞାନେନ୍ଦ୍ରୀୟ ସେଠି, ସୁକାନ୍ତ ରାୟ, ମନୋଜ ସ୍ୱାଇଁ, ଦୀପ୍ତିପ୍ରଭା ମହାରଣା, ଦିଗଲ ମିଶ୍ର, ମୁନା ମିଶ୍ର, ପୂର୍ଣ୍ଣଚନ୍ଦ୍ର ବେହେରା, ଅରବିନ୍ଦ ମିଶ୍ର, ସୁନୀଲ ମହାପାତ୍ର, ଝରଣା ମହାପାତ୍ର, ସୁଫଳା ପୃଷ୍ଟି, ବନିତା ସାହୁ, ଜଗଦୀଶ୍ୱର ସାହୁ, ପ୍ରଦୀପ ଶତପଥୀ, ବିଦ୍ୟାଧର ସାହୁଙ୍କ ସମେତ ସମସ୍ତ ୱାର୍ଡର ଜନସାଧାରଣ ଯୋଗ ଦେଇଛନ୍ତି।

## ପୁନଃନିଯୁକ୍ତ ଦାବିରେ ଗଣଧାରଣା

**ତାଳଚେର, ୯ ।୧(ସମିସ):** ଓଡ଼ିଶା ସରକାରୀ ଆଉଟ୍ ସୋରସିଂ କର୍ମଚାରୀ ମହାସଂଘ ନେତୃତ୍ୱରେ ଅନୁଗୋଳ ତରଫରୁ ପ୍ରାୟ ୭ଜଣ ଠିକା କର୍ମଚାରୀ ଆଜକୁ ୧୧ବର୍ଷ ହେବ ସ୍ୱଳ୍ପ ବେତନରେ ତାଳଚେର ସ୍ଥିତ ଯୋଗାଣ ବିଭାଗ ଅଧୀନରେ କାର୍ଯ୍ୟ କରିଆସୁଥିଲେ। ମାତ୍ର ସେମାନଙ୍କର ତ୍ରୁଟି ନଥାଇ ସେମାନଙ୍କୁ କାର୍ଯ୍ୟରୁ ନିଲମ୍ବନ କରି ଦିଆଯାଇଥିବାକୁ ନେଇ ଆଜି ତାଳଚେର ପୌର ପରିଷଦ ଅନ୍ତର୍ଗତ ଚାଳିଆକୂଚା କେନାଲ ନିକଟରେ ରହିଥିବା ସ୍ୱୀକୃତିପ୍ରାପ୍ତ ଚାଉଳ ଗୋଦାମ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣଭାବେ ଗଣଧାରଣା ଦେଇଥିଲେ। ଫଳରେ ଚାଉଳ ଗୋଦାମ ଭିତରକୁ ଟ୍ରକ୍ ଚଳାଚଳ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ତେବେ ଏହି ସ୍ୱଳ୍ପ ବେତନରେ ଦୀର୍ଘ ୧୧ବର୍ଷ ସୁଚାରୂପେ କାର୍ଯ୍ୟ ତୁଲାଇ ତାଙ୍କୁ ନିଯୁକ୍ତିରୁ ଅବ୍ୟାହତି ଦିଆଗଲେ ଅତିକ୍ରାନ୍ତ ବୟସରେ ସେମାନେ କ'ଣ କରିବେ ଓ କିପରି ସେମାନଙ୍କର ପରିବାର ଚଳାଇବେ ବୋଲି କହି ଦୁଃଖର ସହ ପୁନଃ ନିଯୁକ୍ତି ଦାବିରେ ଗଣଧାରଣାରେ ବସିଥିବା ଜଣାପଡ଼ିଛି।

## ଧାନମଣ୍ଡି ଉଦ୍‌ଘାଟିତ

**ତାଳଚେର, ୯ ।୧(ସମିସ):** ତାଳଚେର ବ୍ଲକ ସ୍ଥିତ କଣ୍ଢାଳ ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଧାନମଣ୍ଡିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ରାଜ୍ୟ ସରକାର କୃଷି କ୍ଷେତ୍ର ଓ କୃଷକମାନଙ୍କ ପାଇଁ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇ ଏଗୁଡ଼ିକର ଲାଭ ନେବା ପାଇଁ ପରାମର୍ଶ ଦେଇଥିଲେ। କୃଷକମାନଙ୍କଠାରୁ ଯେପରି ଠିକ୍ ଭାବେ ଧାନ କ୍ରୟ କରାଯିବ ସେଥିପ୍ରତି କର୍ମକର୍ତ୍ତାମାନେ ଦୃଷ୍ଟିଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସନ୍ତୋଷ କୁମାର ପ୍ରଧାନ, ୧୯ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବବ୍ରୁପ୍ରସାଦ ପତି, କଣ୍ଢାଳ ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃ ର ସଭାପତି ମଦନ ମୋହନ ମହାପାତ୍ର, ସମ୍ପାଦକ ନରହରି ପ୍ରଧାନ, ଏଆରସିଏସ, ତାଳଚେର ମୋହନ ଚନ୍ଦ୍ର ପ୍ରଧାନ, ହେଁସମୂଳ ସରପଞ୍ଚ ସୁମିତ୍ରା ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାଷୀଙ୍କ ଠାରୁ ଧାନକ୍ରୟ ନେଇ ରହିଥିବା ବିଭିନ୍ନ ସରକାରୀ ନିୟମ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ୨୧୦.୪୩ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା।

## ସାତକୋଶିଆ ଗଣ୍ଡରେ କୁମ୍ଭୀର ଓ ଜଳଚର ପକ୍ଷୀ ଗଣନା

ଅନୁଗୋଳ, ୯ ।୧(ସମିସ)





ମହାନଦୀର ସାତକୋଶିଆ ଗଣ୍ଡ ଏକ ଜୈବ ବିବିଧତା ପରିପୂର୍ଣ୍ଣ ଅଞ୍ଚଳ। ୟୁନେସ୍କୋ ଦ୍ୱାରା ଅନୁମୋଦନ ପାଇବା ପରେ କେନ୍ଦ୍ର ସରକାର ଏହି ଗଣ୍ଡକୁ ଏକ ଆନ୍ତର୍ଜାତୀୟ ଆଦ୍ରର୍ଭୂମିର ମାନ୍ୟତା ଦେଇଛନ୍ତି। ପ୍ରାକୃତିକଭାବେ ପ୍ରବାହିତ ୭ କୋଶ ବା ୨୧ କିଲୋମିଟର ଜଳରାଶିର ଗୁରୁତ୍ୱ ବିଶ୍ୱରେ ବିରଳ। ପ୍ରାକୃତିକ ମଧୁର ଜଳର ଏହି ଗଣ୍ଡରେ ଦୁଇ ପ୍ରକାରର କୁମ୍ଭୀର ରହିଥିବା ବେଳେ ଗଣ୍ଡକୁ ଶୀତଋତୁରେ ବିଦେଶାଗତ ପକ୍ଷୀ ଆଗମନ କରିଥାନ୍ତି। ପ୍ରତିବର୍ଷ ବନ ବିଭାଗ ପକ୍ଷରୁ ମହାନଦୀ ଦୁଇପାର୍ଶ୍ୱରେ ଘଡ଼ିଆଳ ଏବଂ ମଗର କୁମ୍ଭୀର ସମେତ ପକ୍ଷୀଙ୍କ ଗଣନା କାର୍ଯ୍ୟ ହୋଇଥାଏ। ଏହି ଗଣନା କାର୍ଯ୍ୟରେ ସାତକୋଶିଆ ବନଖଣ୍ଡ ସମେତ ଆଠମଲ୍ଲିକ, ବୌଦ୍ଧ, ମହାନଦୀ, ଅନୁଗୋଳ ଓ ଆଠଗଡ଼ ବନଖଣ୍ଡର ବନ କର୍ମଚାରୀମାନେ ନିୟୋଜିତ ହୋଇଥାନ୍ତି। ଚଳିତବର୍ଷ ଗଣନା କାର୍ଯ୍ୟକୁ ସଠିକ୍ ଏବଂ ଶୃଙ୍ଖଳାର କରାଯିବା ନେଇ ଟିକରପଡ଼ାଠାରେ ଗତ ୩ ତାରିଖରେ ଏକ ତାଲିମ୍ ଶିବିର ଆୟୋଜନ କରାଯାଇଥିଲା। ଏହି ତାଲିମ୍ ଶିବିରରେ ବନ କର୍ମଚାରୀ ସମେତ ସ୍ୱେଚ୍ଛାସେବୀ ସଂଗଠନ ଅଂଶଗ୍ରହଣ କରିଥିଲେ। ଗତ ୬ ତାରିଖଠାରୁ ୧୦ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଏହି ଗଣନା କାର୍ଯ୍ୟ ହୋଇଛି। ଗଣନା କାର୍ଯ୍ୟକ୍ରମ ପାଇଁ ୧୪ ଟି ଟିମ୍ ଗଠନ ହୋଇଛି। ଏହି ୧୪ ଟି ଟିମ୍ ଡଙ୍ଗାରେ ନଦୀ କୂଳେ କୂଳେ ଯାଇ କୁମ୍ଭୀର ଗଣନା ପ୍ରତ୍ୟେକ୍ଷ ଭାବେ କରିବା ପାଇଁ ନିର୍ଦ୍ଦେଶ ରହିଛି। ବନ ବିଭାଗ ପକ୍ଷରୁ ସମସ୍ତ ଅତ୍ୟାବଶ୍ୟକ କିଟ୍ ଯୋଗାଇ ଦିଆଯାଇଛି। ସାତକୋଶିଆ ଗଣ୍ଡ ସମେତ ଶିଶୁପଥର ଡ୍ୟାମ୍ ଅଭୟାରଣ୍ୟରେ ଥିବା ଜଳାଶୟ ଗୁଡିକରେ ପକ୍ଷୀ ଗଣନା ହେବ। ମହାନଦୀର ବେଲପୁଞ୍ଜି ମଠ ଠାରୁ ବାଲିପୁଟ ଘାଟଯାଏ କୁମ୍ଭୀର ଓ ପକ୍ଷୀ ଗଣନା ପାଇଁ ସ୍ଥିର ହୋଇଛି। ଏହି ଗଣନା ସମୟରେ ମାଛମରା ବନ୍ଦ ଥିବା ବେଳେ ପର୍ଯ୍ୟଟକ ମାନଂକୁ ନଦୀ ମଧ୍ୟରେ ନୌଚାଳନା ବନ୍ଦ ରହିଛି। ପ୍ରକାଶଥାଉ କି,ଏହି ଗଣନା କାର୍ଯ୍ୟକ୍ରମରେ ସାତକୋଶିଆ ବନଖଣ୍ଡ ପକ୍ଷରୁ କିଛି ବୈଦୁତିକ ଗଣମାଧ୍ୟମକୁ ହାତର କରି ଗଣନା ରିପୋର୍ଟକୁ ସୁହାଇଲା କରାଯିବାର ଅଭିଯୋଗ ରହିଛି। ଅନ୍ୟପକ୍ଷରେ ଏହି ଗଣନା କାର୍ଯ୍ୟ ଏକ ସରକାରୀ କାର୍ଯ୍ୟକ୍ରମ ହୋଇଥିଲେ ମଧ୍ୟ ବନ ବିଭାଗ ଛାପା ଗଣମାଧ୍ୟମକୁ ସାମିଲ୍ କରିନାହିଁ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ବାଳକୃଷ୍ଣ ବେରଦଳେଇ
ଅମଲାଭଟା, କେନ୍ଦୁପୁର
ଆବିର୍ଭାବ: ୧୮.୦୪.୧୯୬୫
ତିରୋଧାନ: ୧୦.୦୧.୨୦୦୯
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଉଜ୍ଜ୍ୱଳ ଚିନ୍ତାଧାରା ଆମ୍ଭ ମାନଙ୍କ ହୃଦୟର ଅନ୍ତରରେ ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ କୃପା ଆଶିଷ ଆମ୍ଭ ଉପରେ ସଦେବ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର
ପତ୍ନୀ- ବିନୋଦିନୀ ବେରଦଳେଇ, ପୁତ୍ର- ସନ୍ଦୀପ ଦଳେଇ, ଝିଅ - ଇପସିତା ଦଳେଇ, ଜ୍ୱାଇଁ - ନବୀନ ରାଜୁ

ADMISSION IS GOING ON
GAYATRI SCHOOL & COLLEGE OF NURSING
Under Gayatri Charitable Trust, Baripada
For the Course : ANM, GNM & B.Sc. Nursing
B.Sc. Nursing
Eligibility: +2 Science with Biology (PCB)
ANM & GNM
(Eligibility: +2 in any stream with minimum 40% marks for ST & SC Students & Minimum 45% marks for General category
Facilities: 1) Stipend for ST & SC students, 2) Separate Hostel for Boys & Girls, 3) A.C. Class Room & AC Lab, 4) Highly Qualified & Experience Faculties, 5) 100% Job security for our Pass out Students, 6) Scholarship for the students secured more than 80% Marks.
Contact
Sd/- Secretary
9438477846/9438160121/9337006245

**ଗାଁ ଗାଁରେ ଭକ୍ତିମୟ ପରିବେଶ**

# ଶୁଭଶଙ୍ଖ ଧ୍ୱନିରେ ଜଗନ୍ନାଥ ଅର୍ପଣ ରଥର ପରିକ୍ରମା

**କାମାକ୍ଷାନଗର, ୯।୧ (ସମିସ)**



ଆସନ୍ତା ଜାନୁଆରୀ ୧୭ତାରିଖରେ ଲୋକାର୍ପଣ ହେବ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ସେଥିପାଇଁ ଉତ୍ସବ ମୁଖର ଗାଁଠୁ ସହର। ଶୁଭଶଙ୍ଖ ଧ୍ୱନିରେ ଗାଁ, ଗାଁ ବୁଲୁଛି ଜଗନ୍ନାଥ ଅର୍ପଣ ରଥ। ଏହି କ୍ରମରେ ଆଜି କାମାକ୍ଷାନଗର ବ୍ଲକ କାନପୁରା ପଞ୍ଚାୟତରେ ଜଗନ୍ନାଥ ଅର୍ପଣ ରଥର ପରିକ୍ରମା ହୋଇଛି। ସ୍ଥାନୀୟ ତାରିଣୀ ମନ୍ଦିରଠାରୁ ବାହାରି ଗ୍ରାମର ଛଅଟି ୱାର୍ଡ ପରିକ୍ରମା କରିଛି ଅର୍ପଣ ରଥ। ଝୋଟି, ଚିତା, ପକାଇ ଅର୍ପଣ ରଥକୁ ଗ୍ରାମର ମହିଳାମାନେ ଅତ୍ୟନ୍ତ ଆଗ୍ରହର ସହ ବନ୍ଦାପନା କରି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଅରୁଆ ଚାଉଳ, ଗୁଆ ଇତ୍ୟାଦି ସମର୍ପଣ କରୁଛନ୍ତି। ଯାହାକୁ ନେଇ ଗାଁରେ ସୃଷ୍ଟିହୋଇଛି ଭକ୍ତିମୟ ପରିବେଶ। ଏହି ପରିକ୍ରମା କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଡିଓ ଅବିନାଶ ପାଣ୍ଡିଆ, ବ୍ଲକ ଅଧକ୍ଷ ପ୍ରେମାନନ୍ଦ ସାହୁ, କାନପୁରା ସରପଞ୍ଚ ସତ୍ୟଜିତ ରାଉତ ପ୍ରମୁଖଙ୍କ ସହ ଶତାଧିକ ଜଗନ୍ନାଥ ପ୍ରେମୀ ଉପସ୍ଥିତ ରହି ପରିକ୍ରମା ପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

**ଦ୍ୱିତୀୟ ଦିନରେ ଅର୍ପଣ ରଥ**

# ହରିବୋଲ , ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ସହର ପ୍ରକମ୍ପିତ



**ଭୁବନ, ୯।୧(ସମିସ:** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଉଦଘାଟନ ନିମନ୍ତେ ଗତକାଲିଠାରୁ ଭୁବନରେ 'ଜୟ ଜଗନ୍ନାଥ ଅର୍ପଣ ରଥ ' ସହର ପରିକ୍ରମା କରୁଛି। ଆଜି ଦ୍ୱିତୀୟ ଦିନରେ ନୂଆ ଭୁବନ ଶିବମନ୍ଦିରରୁ ପୂଜାର୍ଚ୍ଚନା, ବନ୍ଦାପନା ପରେ ୱାର୍ଡ ନମ୍ବର ୨ ଓ ୩ ପରିକ୍ରମା କରି ଜଗନ୍ନାଥ ପ୍ରେମୀ ଭକ୍ତଙ୍କଠାରୁ ଗୁଆ ,ଅରୁଆ ଚାଉଳ ସଂଗ୍ରହ କରାଯାଇଥିଲା। ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ନେତୃତ୍ୱରେ ନିର୍ବାହୀ ଅଧିକାରୀ ଅପୂର୍ବ ରଞ୍ଜନ ଆଇଚ ,୩ ନମ୍ବର ୱାର୍ଡ କାଉନସିଲର ତଥା ଉପନଗରପାଳ ମାନିନୀ ସାହୁ, ନଗର ବିଜେଡି ସଭାପତି ନରେନ୍ଦ୍ର କୁମାର ସାହୁ , ନୋଡାଲ ଅଫିସର ହଳଧର ଦେହୁରୀଙ୍କ ସମେତ ସ୍ୱଚ୍ଛ ସାଥୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସଂକୀର୍ତ୍ତନ ମଣ୍ଡଳୀ ଓ ସହସ୍ରାଧିକ ଜଗନ୍ନାଥ ପ୍ରେମୀ ଭକ୍ତ ନୂଆ ଭୁବନ ଶିବମନ୍ଦିରରୁ ବାହାରି ସମ୍ପୂର୍ଣ ୱାର୍ଡ ପରିକ୍ରମା କରିଥିଲେ। 'ଅର୍ପଣ ରଥ' ଯିବା ରାସ୍ତାରେ ମହିଳାମାନେ ଝୋଟି ଚିତା ପକାଇ, ପୂର୍ଣ୍ଣ କଳସୀ ବସାଇ, ହୁଳହୁଳି ପକାଇ ରଥକୁ ସ୍ୱାଗତ କରି ଭକ୍ତିର ସହ ଅରୁଆ ଚାଉଳ ଓ ଗୁଆ ଅର୍ପଣ କରିଥିଲେ। ଭୁବନ ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ତୁଷାର କାନ୍ତି ମିଶ୍ର ଲୋକଙ୍କଠାରୁ ଅରୁଆ ଚାଉଳ, ଗୁଆ ସଂଗ୍ରହ କରି ଆଶୀର୍ବାଦ କରିଥିଲେ । ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ସାରା ସହର ପ୍ରକମ୍ପିତ ହୋଇଥିଲା।

# ଜିଲ୍ଲାସ୍ତରୀୟ ଲୋକକଳା ପ୍ରୟୋଗ ସମ୍ପର୍କିତ କର୍ମଶାଳା



**ଢେଙ୍କାନାଳ, ୯।୧ (ସମିସ):** ଢେଙ୍କାନାଳ ସହରସ୍ଥିତ ପୁରୁଣା ଜିଲ୍ଲା ପରିଷଦ ହଲ୍ ଠାରେ ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକ୍ରମେ ଲୋକକଳାର ପ୍ରୟୋଗ ସମ୍ପର୍କିତ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ ଯୋଗଦେଇ ଏହି କାର୍ଯ୍ୟକ୍ରମ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ବୋଲି କହିଥିଲେ। ଲୋକକଳା ମାଧ୍ୟମରେ ହିଁ ଏହାର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିବ ବୋଲି ପ୍ରକାଶ କରିଥିଲେ। କଳା, ସଂସ୍କୃତି ବଜାୟ ରହିଲେ ସମାଜର ସାମଗ୍ରୀକ ବିକାଶରେ ସନ୍ତୁଳନ ରହିବ ଏବଂ ସମସ୍ତଙ୍କୁ ସୁଖମୟ ଜୀବନ ମିଳିପାରିବ ବୋଲି ସେ ମତବ୍ୟକ୍ତ କରି କଳାକାରମାନେ ସୁନ୍ଦର ସମାଜ ଗଠନରେ ପୂର୍ଣ୍ଣ ସହଯୋଗ କରିବାକୁ ନିବେଦନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଯୋଗାଦେଇ କଳାକାରମାନେ ସ୍ରଷ୍ଟା ବୋଲି କହିବା ସହିତ ସେମାନଙ୍କ ଦ୍ୱାରା ହିଁ କାର୍ଯ୍ୟକ୍ରମର ସଫଳ ପ୍ରଚାର ଏବଂ ରୂପାୟନ ହୋଇପାରିବ ବୋଲି ମତବ୍ୟକ୍ତ କରି ସମାଜର ବିକାଶରେ ସହାୟକ ହେବାକୁ କହିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ବ୍ଲକ୍ କଳା ସଂସ୍କୃତି ସଙ୍ଘ ଏବଂ ଜିଲ୍ଲା କଳା ସଂସ୍କୃତି ସଙ୍ଘର ଉପସଭାପତିମାନେ, ସୂଚନା, ଶିକ୍ଷା ଓ ଯୋଗାଯୋଗର ରାଜ୍ୟ ଉପଦେଷ୍ଟା ପ୍ରଫୁଲ୍ଲ ସାମନ୍ତରାୟ ଯୋଗଦେଇଥିଲେ। କର୍ମଶାଳାରେ ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ଶତପଥୀ, ଜିଲ୍ଲା କଳା ସଂସ୍କୃତି ସଙ୍ଘର ଉପସଭାପତି ଅବନୀ ମିଶ୍ର ଉପସ୍ଥିତ ରହି ସଭ୍ୟସଭ୍ୟାଙ୍କୁ ସରକାରଙ୍କ ୧୫ଟି ପ୍ରମୁଖ ଲୋକାଭୀମୁଖୀ ଯୋଜନାର କାର୍ଯ୍ୟକାରିତା, ଉପାଦେୟତା ଏବଂ ପ୍ରସାରଣ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ବ୍ରାଉନସୁଗର ଜବତ; ବ୍ୟବସାୟୀ ଗିରଫ

**ଢେଙ୍କାନାଳ, ୯।୧(ସମିସ):** ସଦର ଥାନା ଅନ୍ତର୍ଗତ ହରିପୁର ଗ୍ରାମ ନିକଟରେ ବ୍ରାଉନ ସୁଗର ବିକ୍ରୟ କରୁଥିବା ବେଳେ ଅବକାରୀ ବିଭାଗ ତରଫରୁ ଚଢ଼ଉ କରି ଜନୈକ ବ୍ୟବସାୟୀକୁ ଗିରଫ କରାବା ସହିତ ତା'ଠାରୁ ୧୦ ଗ୍ରାମ ବ୍ରାଉନ ସୁଗର ଜବତ କରିଛି। ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ ଏବଂ ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ଢେଙ୍କାନାଳ ଅବକାରୀ ବିଭାଗର କୌଣସି ସୂତ୍ରରୁ ଖବରପାଇ ବ୍ରାଉନସୁଗର ବିକ୍ରୟ କରୁଥିବା ଜାଣିବାକୁ ପାଇଥିଲେ। ଅବକାରୀ ବିଭାଗ ତରଫରୁ ହରିପୁର ନକଟରେ ଚଢ଼ଉ କରାଯାଇ ଟାଉନ ଥାନା ଅନ୍ତର୍ଗତ ଶ୍ୟାମାଚରଣପୁରର ପିଣ୍ଟୁ ଦାସ(୨୨)ଙ୍କୁ ଗିରଫ କରାଯାଇଛି। ଜବତ ବ୍ରାଉନସୁଗରର ମୂଲ୍ୟ ଏକ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ସୂତ୍ରରୁ ଜଣାପଡ଼ିଛି। ପିଣ୍ଟୁ ନିଜେ ବ୍ରାଉନସୁଗର ବ୍ୟବହାର କରିବା ସହିତ ବିଭିନ୍ନ ସ୍ଥାନରେ ବିକ୍ରୟ କରୁଥିଲା ବୋଲି ଅବକାରୀ ବିଭାଗ ତରଫରୁ ଜଣାପଡ଼ିଛି।

**ବାଇଁସିଆରୁ କଙ୍କା ରାସ୍ତା ଓ ପୋଲର ନକ୍ସା ପାଇଁ ଦାବି**

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ



**ଢେଙ୍କାନାଳ, ୯।୧ (ସମିସ):** ଗଁଦିଆ ବ୍ଲକ ଅନ୍ତର୍ଗତ ବାଇଁଶିଆରୁ କଙ୍କା ରାସ୍ତା ଓ ପୋଲର ନକ୍ସା ପାଇଁ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ବାଇଁସିଆରୁ କଙ୍କା ଗ୍ରାମକୁ ଯାଇଛି। ଗତ ୨୦୧୩ ମସିହା ଠାରୁ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇ ୨୦୧୮ ମସିହାରେ ଶେଷ ହୋଇଥିଲା। କିନ୍ତୁ ବାଇଁଶିଆ ଠାରୁ କଙ୍କା ପର୍ଯ୍ୟନ୍ତ କୌଣସି ରୋଡ୍ ମ୍ୟାପ୍ ନଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଶତାଧିକ ଗ୍ରାମବାସୀ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକଙ୍କୁ ସାକ୍ଷାତ କରି ତହସିଲଦାରଙ୍କୁ ରୋଡ୍ ମ୍ୟାପ୍ ନକ୍ସା କରିବା ପାଇଁ ଆଦେଶ ଦେବାକୁ ଅନୁରୋଧ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଗ୍ରାମ ସଭାପତି ବିରଞ୍ଚି ନାରାୟଣ ଇନ୍ଦ୍ରଜିତ୍ ସିଂ, ସୁଦର୍ଶନ ସ୍ତମ୍ଭ, ମେଘନାଦ ବଳିୟାରସିଂହ, ମଦନ ବଳିୟାର ସିଂହ, ଅଇଁଠୁ ସାହୁ, ଅଯୋଧ୍ୟା ବେହେରା ପ୍ରମୁଖଙ୍କ ସହିତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ଆମ୍ବୁଲାନ୍ସ ପ୍ରଦାନ

**ନରେନ୍ଦ୍ରପୁର, ୯।୧ (ସମିସ):** ଟାଟା ଷ୍ଟିଲ୍ର ସିଏସ୍ଆର ଶାଖା ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସଏଫ୍) ଏହାର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ଅଧୀନରେ ଆଜି ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ରକ୍ତଭଣ୍ଡାର, ଢେଙ୍କାନାଳକୁ ଏକ ଆମ୍ବୁଲାନ୍ସ ପ୍ରଦାନ କରିଛି। ଗୋଷ୍ଠୀ ସ୍ୱାସ୍ଥ୍ୟ ସେବା ପ୍ରତି ନିଜର ପ୍ରତିବଦ୍ଧତାକୁ ଦୃଢ଼କରିବା ପାଇଁ ଟିଏସ୍ଏଫ୍ ର ଜନସ୍ୱାସ୍ଥ୍ୟ ବିଭାଗ ଏହି ଆମ୍ବୁଲାନ୍ସ ପ୍ରଦାନ କରିଛି। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ମନୋରଞ୍ଜନ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଦେଖାଇ ଆମ୍ବୁଲାନ୍ସକୁ ଲୋକାର୍ପଣ କରିଥିଲେ। ଏହି ଅବସରରେ ଢେଙ୍କାନାଳ ସିଡିଏମ୍ଓ ଡକ୍ଟର ଦିଲ୍ଲୀପ କୁମାର ବିଶ୍ୱାଳ, ବ୍ଲକ କେନ୍ଦ୍ର ଅଧିକାରୀ ଡକ୍ଟର ସ୍ୱରୂପ ରଞ୍ଜନ ସାହୁ, ଟାଟା ଷ୍ଟିଲ୍ ମେରାମଣ୍ଡଳୀ (ଟିଏସ୍ଏମ୍)ର କର୍ପୋରେଟ୍ ସେବା ମୁଖ୍ୟ ମୋହିତ ଦାସ, ଟିଏସ୍ଏମ୍ର କର୍ପୋରେଟ ରିଲାସନ୍ସ ଆଣ୍ଡ ରେଗୁଲେଟୋରି କମ୍ପ୍ଲାଏନ୍ସ ମୁଖ୍ୟ ନୃସିଂହ ଚରଣ ମହାପାତ୍ର ଏବଂ ଅନ୍ୟ ପ୍ରମୁଖ ସ୍ୱାସ୍ଥ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ପଦକ୍ଷେପ ଢେଙ୍କାନାଳସ୍ଥିତ ଓଡ଼ିଶା ବ୍ଲଡ୍ ବ୍ୟାଙ୍କକୁ ରକ୍ତ ସଂଗ୍ରହ ଓ ପରିବହନ କ୍ଷମତା ବୃଦ୍ଧିରେ ସହାୟକ ହେବ। ଦୁର୍ଗମ ଅଞ୍ଚଳରେ ରକ୍ତଦାନ ଶିବିର, ନିରନ୍ତର ଓ ଭରସାଯୋଗ୍ୟ ରକ୍ତ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଏହି ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି।




# ସ୍ୱୟଂଶ୍ରୀ ନୃତ୍ୟ ମହୋତ୍ସବ ଉଦ୍‌ଯାପିତ



ତାଳଚେର, ୯ ।୧(ସମିସ): ତାଳଚେର ପୌରାଞ୍ଚଳ ଅନ୍ତର୍ଗତ ରେମୁଆଁ ସ୍ଥିତ ସୌଭାଗ୍ୟ ମଣ୍ଡପ ଠାରେ ୨ୟ ସ୍ୱୟଂଶ୍ରୀ ନୃତ୍ୟ ମହୋତ୍ସବ ଉଦଯାପିତ ହୋଇଯାଇଛି। ପ୍ରଥମ ଦିବସରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି ନୃତ୍ୟ ମହୋତ୍ସବରେ ଅନ୍ୟତମ ଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମାନସ ରଞ୍ଜନ ବାରିକ୍, ନଗରପାଳ ପବିତ୍ର ଭୂତିଆ, ନୃତ୍ୟ ଗୁରୁ ପ୍ରତିଭା ପଣ୍ଡା, ଡ. ସୁଜାତା ମିଶ୍ର ଯୋଗଦେଇଥିଲେ। ଶେଷରେ ସାଂସ୍କୃତି କାର୍ଯ୍ୟକ୍ରମରେ ଓଡିଶା ଡ୍ୟାନ୍ସ ଏକାଡେମୀର କଳାକାର ନିଳାଦ୍ରୀ ସାମଲ ଓ ବିନାୟକ ସାମଲଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଶଷ ହୋଇଥିବା ବେଳେ ରଘୁରାଜପୁର ପୁରୀର ଗୋଟି ପୁଅ ନୃତ୍ୟ ଏବଂ ତନୟା ମିଶ୍ର ଓ ଆୟୁଶୀ ନାଏକଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଉଦଯାପନୀ ଦିବସରେ ଅତିଥି ଭାବେ ସାମ୍ବାଦିକ ଧୀରମୋହନ ରାୟ, ଉତ୍କଳ ସଙ୍ଗିତ ମହାବିଦ୍ୟାଳୟର ପୂର୍ବତନ ବିଭାଗୀୟ ମୁଖ୍ୟ ଡ. ସ୍ନେହଲତା ସାମନ୍ତରାୟ, ଗୁରୁ ସିକତା ଦାସ, ଗୁରୁ ଡ. ଗଜେନ୍ଦ୍ର ପଣ୍ଡା, ଗୁରୁ ଚପଳା ମିଶ୍ର, ଗୁରୁ ଧନେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସମାଜସେବୀ କ୍ଷିରୋଦ ସାହୁ, କରୁଣାକର ବାଇ, ପ୍ରମିଳା ଦାସ, ସୁଜାତା ମିଶ୍ର, ଗୁରୁ ଡ. ସ୍ନେହଲତା ସାମନ୍ତରାୟ, ଗୁରୁ ସିକତା ଦାସ, ଗୁରୁ ଡ. ଗଜେନ୍ଦ୍ର ପଣ୍ଡା, ଗୁରୁ ଚପଳା ମିଶ୍ର, ଗୁରୁ ଧନେଶ୍ୱର ସ୍ୱାଇଁ, ସମାଜସେବୀ ଭରତ ଭୂଷଣ ବେହେରା, ଉର୍ଜା ଶର୍ମା ପ୍ରମୁଖଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ଶେଷରେ ମିନାକ୍ଷୀ ଜେନା, ଉର୍ଜା ଶର୍ମା, ତ୍ରିଧାରା ଅନୁଷ୍ଠାନ ଓ ସ୍ୱୟଂଶ୍ରୀ ଅନୁଷ୍ଠାନର କଳାକାର ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ସଂଜୀବ ପଟ୍ଟନାୟକ। ଏହି ମହୋତ୍ସବରେ ଅନୁଷ୍ଠାନର ସାଧାରଣ ସଂପାଦକ ଗୁରୁ ଶଙ୍କର ବାଇ, ସୁମନ୍ତ ପ୍ରଧାନ, ଲିପିକା ଚାନ୍ଦ, ଶ୍ୱେତା ଖୁଣ୍ଟିଆ, ଝରଣା ନାଏକ, ସୁବାଶିନୀ ଦ୍ୱିବେଦୀ, ସରିତା ଗାଆଣ, ସୁଚିତ୍ରା ସାହୁ, ବସନ୍ତ ନାଏକ, ଟଙ୍କଧର ଶତପଥି, ସୁନିଲ୍ ସାହୁ, ସସ୍ମିତା ଗାଆଣ, ରାକେଶ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଆସେଟ୍ କମ୍ପ୍ୟୁଟରର ନବବର୍ଷ ପାଳିତ

**ଢେଙ୍କାନାଳ, ୯।୧(ସମିସ):** ଢେଙ୍କାନାଳ ଜିଲ୍ଲା ସହରସ୍ଥିତ ଆସେଟ୍ କମ୍ପ୍ୟୁଟର ତରଫରୁ ନବବର୍ଷର ଅଭିନନ୍ଦନ ସହିତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅଭିନେତା ତଥା ବ୍ୟବସାୟୀ ଶ୍ରୀମଣ ଯୋଗଦାନ କରିଥିଲେ। ସେ ଆସେଟରୁ ଶିକ୍ଷାଦାନ କରି କିପରି ଉଚ୍ଚ ସ୍ଥାନକୁ ଯାଉଛନ୍ତି ସେ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଅନ୍ୟତମ ଅତିଥି ଭାବରେ ମୋ ଢେଙ୍କାନାଳ ଚ୍ୟାନେଲର ମୁଖ୍ୟ ସୌମ୍ୟବ୍ରତ ସାହୁ ଆସେଟ୍ ଏକ ଉଚ୍ଚମାନର ଶିକ୍ଷାନୁଷ୍ଠାନ ବୋଲି କହିଥିଲେ। ସେହିପରି ଢେଙ୍କାନାଳ ନ୍ୟୁଜ ଚ୍ୟାନେର ମୁଖ୍ୟ ସୁଶିଲ କୁମାର ଯୋଗଦେଇ ସେ ଆସେଟରୁ ଶିକ୍ଷାଲାଭ କରି କିପରି ମଣିଷ ହୋଇଛନ୍ତି ସେ ସମ୍ପର୍କରେ କହିଥିଲେ। ଏହି ଅବସରରେ ଅତିଥି, ଅଧ୍ୟାପକ, ଆଧ୍ୟାପକାମାନଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଶିକ୍ଷକ ନରେଶ ପଟ୍ଟନାୟକଙ୍କ ସହ ଶକ୍ତିମୟୀ ମହାପାତ୍ର, ପ୍ରତିଭା ପାଣି, ଓଜସ୍ୱିନୀ ମିଶ୍ର, ସୁମନିକା କାଣ୍ଡି, ପ୍ରୀୟଙ୍କା ସାହୁ, ମୋନାଲିସା ସାହୁ, ଭେନମ, ଶୁଭଶ୍ରୀ ପୂଜା ଆଦି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଜିଲ୍ଲାସ୍ତରୀୟ 'ନୂଆ-ଓ' କ୍ରୀଡ଼ା ପ୍ରତିଯୋଗିତା



ଢେଙ୍କାନାଳ, ୯।୧(ସମିସ): ଢେଙ୍କାନାଳ ସହରସ୍ଥିତ ମୁଖ୍ୟ ଷ୍ଟାଡିୟମଠାରେ କ୍ରୀଡ଼ା ଓ ଯୁବ ସେବା ବିଭାଗ ଦ୍ୱାରା ଚାଲିଥିବା ନୂଆ -ଓ' କ୍ରୀଡ଼ା ପ୍ରତିଯୋଗିତାରେ ମଙ୍ଗଳବାର ହକି ଖେଳ ଅନୁଷ୍ଠିତ ହୋଇଛି। ପୁରୁଷ ବିଭାଗର ୫ଟି ଓ ମହିଳା ବିଭାଗର ୪ଟି ଦଳ ଅଂଶଗ୍ରହଣ କରିଥିଲେ। ପୁରୁଷ ବିଭାଗରେ ୯୦ଜଣ , ମହିଳା ବିଭାଗରେ ୭୨ଜଣ ଖେଳାଳିଙ୍କ ସହ ୧୪ଜଣ ପରିଚାଳକ ଯୋଗଦେଇ ଖେଳକୁ ପରିଚାଳନା କରିଥିଲେ। ମହିଳା ହକି ଦଳରେ ସଦର ମହିଳା ଟିମ୍ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପୌରସଂସ୍ଥା ୫ ନମ୍ବର ୱାର୍ଡ ଦ୍ୱିତୀୟ, କଙ୍କଡ଼ାହାଡ଼ ବାପୁଜୀ ୱାରିଅର୍ସ ତୃତୀୟ ଓ କାମାକ୍ଷାନଗର ବାରିହାପୁର ଓମ୍ ବାଉନସର ଚତୁର୍ଥ ସ୍ଥାନ ଅଧିକାର କରିଛି। ସେହିପରି ପୁରୁଷ ବିଭାଗରେ ଢେଙ୍କାନାଳ ୧ ନମ୍ବର ୱାର୍ଡର ଢେଙ୍କାନାଳ କ୍ଲବ ପ୍ରଥମ, ସଦର ବ୍ଲକ ଜଙ୍ଗିରା ଦ୍ୱିତୀୟ, କାମାକ୍ଷାନଗର ପଣ୍ଡୁଆ ତୃତୀୟ ଏବଂ ପୌରସଂସ୍ଥା ୧୬ ନମ୍ବର ୱାର୍ଡର ଭଗବତି ହକି ଟିମ୍ ଚତୁର୍ଥ ସ୍ଥାନ ଅଧିକାର କରିଥିବାର ହକି ପ୍ରଶିକ୍ଷକ ଫ୍ଲୋରେନସିଆ ଏକ୍କା ଜଣାଇଛନ୍ତି।

# ମହୋତ୍ସବ ପାଇଁ ମଶାଲ ଜ୍ୟୋତିକୁ ସ୍ୱାଗତ

**କିଶୋରନଗର ୯ ।୧(ସମିସ):** ଅନଗୁଳ ମହୋତ୍ସବ ଓ ଆଠମଲ୍ଲିକ ମହୋତ୍ସବ ପାଳନ ଅବସରରେ ଆଜି ମଶାଲ ଜ୍ୟୋତିକୁ କିଶୋରନଗରରେ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଛି। ଶୈବପୀଠ ଦେଉଳଝରିରୁ ମଶାଲ ଜ୍ୟୋତି ବାହାରି ପର୍ଶ୍ଣମାଳରେ ପହଞ୍ଚିଥିଲା। ସେଠାରେ ଉରୁକୁଳା ସରପଞ୍ଚ ସ୍ମୃତି ସମ୍ପୂର୍ଣ୍ଣା ସାହୁଙ୍କ ନେତୃତ୍ୱରେ ଅଙ୍ଗନବାଡ଼ି କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଧୂପଦୀପ ଜାଳି ପୁଷ୍ପଦେଇ ମଶାଲ ଜ୍ୟୋତିକୁ ସ୍ୱାଗତ କରିଥିଲେ। ପରେ ଏହି ମଶାଲ ଜ୍ୟୋତି ଅଙ୍ଗପଡ଼ା, ହିମିତିରା, ଘୋଷର ଦେଇ କିଶୋରନଗର କଲେଜ ଛକରେ ପହଞ୍ଚିଥିଲା। ସେଠାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ବିଡିଓ ବିନୋଦ ବିହାରୀ ବେହେରା, ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ସିଡିପିଓ ଓ୍ୱାହିଦା ବେଗମ, ବ୍ଲକ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, ଧଉରାପାଲ୍ଲୀ ସରପଞ୍ଚ ସଂଜୀତ କୁମାର ସାହୁ, ବ୍ଲକ ନିର୍ବାହୀ ଯନ୍ତ୍ରୀ ଆଲୋକ ମିଶ୍ର, ଯୋଗାଣ ଅଧିକାରୀ ଋଷଭ ଚନ୍ଦ୍ର ନାଏକ, ମିଶନ ଶକ୍ତି ସଂଯୋଜକ ଉପେନ୍ଦ୍ର ବେହେରା, ଜୀବିକା ମିଶନର ସୁଜିତ ପ୍ରଧାନ, ସାଗର କନ୍ତ ରାଉତ, କନିଷ୍ଠ ଯନ୍ତ୍ରୀ ବିଜୟ ନିଖଣ୍ଡ, ପୂର୍ବତନ ସରପଞ୍ଚ ଅନୀତା ଦାଶଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ, ଅଙ୍ଗନବାଡ଼ି କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ପୁଲିସ କର୍ମଚାରୀ ସାମିଲ ଥିଲେ। ଏହି ମଶାଲ ଜ୍ୟୋତି ବ୍ଲକ ଅଫିସ ସମ୍ମୁଖ ଦେଇ ବାମୁର, ନାକଚି ବଇଣ୍ଡା ଦେଇ ତାଳଚେର ମା' ହିଙ୍ଗୁଳା ମନ୍ଦିର ଅଭିମୁଖ ଯାଇଥିଲା। ସେହିପରି ଆଠମଲ୍ଲିକ ମହୋତ୍ସବ ପାଇଁ ମଶାଲ ଜ୍ୟୋତି ବଇଣ୍ଡାରୁ ଆଠମଲ୍ଲିକକୁ ଯାଇଛି।

# ଢେଙ୍କାନାଳ କରଣ ଓ ଶ୍ରୀ କରଣ ସମାଜର ମିଶ୍ରଣ

**ଢେଙ୍କାନାଳ, ୯।୧(ସମିସ ):** ଢେଙ୍କାନାଳ କରଣ ସମାଜ ଏବଂ ଶ୍ରୀ କରଣ ସମାଜର ଏକ ବୈଠକ ସ୍ଥାନୀୟ ଗୋପିନାଥ ଗାର୍ଡେନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉଭୟ ପକ୍ଷ କର୍ମକର୍ତ୍ତାଙ୍କ ଉପସ୍ଥିତି ଏବଂ ସିଦ୍ଧାନ୍ତ ଅନୁଯାୟୀ, ନିଃସର୍ତ୍ତ ଆନୁଷ୍ଠାନିକ ମିଶ୍ରଣପର୍ବ ହୋଇଥିଲା। ଆଗାମୀ ଏକ ମାସ ମଧ୍ୟରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରାଯାଇ ସାଧାରଣ ବୈଠକ କରାଯିବ ବୋଲି ସ୍ଥିର କରାଯାଇଛି। ବୈଠକରେ ବସନ୍ତ କୁମାର ପଟ୍ଟନାୟକ, ଯୋଗୀନାଥ ମହାନ୍ତି, ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ, ପ୍ରସନ୍ନ ପଟ୍ଟନାୟକ, ଉଦୟନାଥ ମହାନ୍ତି, ଅଜୟ ଚରଣ ପଟ୍ଟନାୟକ, ଦୀପ୍ତିମୟ ପଟ୍ଟନାୟକ, ଦୀପ୍ତିଶ ପଟ୍ଟନାୟକ. ସଂକଟ ଭଞ୍ଜନ ପଟ୍ଟନାୟକ, ଅଶୋକ କୁମାର ପଟ୍ଟନାୟକ, ଦୀପକ ପ୍ରସାଦ ପଟ୍ଟନାୟକ, ଅବିନାଶ ପଟ୍ଟନାୟକ, ଲୁଲୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ

**ଢେଙ୍କାନାଳ, ୯।୧ (ସମିସ)**



ଢେଙ୍କାନାଳ ସହରସ୍ଥ ବାପୁଜୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟର ପୁରାତନ ଛାତ୍ର ତଥା ମୋ ସ୍କୁଲ୍ ଅଭିଯାନର ସଭାପତି ଗୁପ୍ତେଶ୍ୱର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ସଦର ବ୍ଲକର ଶିକ୍ଷା ଉନ୍ନୟନ ଅଧିକାରୀ ବ୍ରହ୍ମାନନ୍ଦ ରାଉତ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏହି ବିଦ୍ୟାଳୟର ପୁରାତନ ଛାତ୍ର ତଥା ଓକିଲ ସଂଘର ସଭାପତି ଗୋପାଳଚନ୍ଦ୍ର ପାତ୍ର, ସମାଜସେବୀ ବ୍ରହ୍ମାନନ୍ଦ ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦେବେନ୍ଦ୍ର ସିଂ, ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ନିର୍ମଳା ଆଚାର୍ଯ୍ୟ ଓ ସଂଯୁକ୍ତା ମିଶ୍ର ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନୁକମ୍ପା ମିଶ୍ର, ସହକାରୀ ଶିକ୍ଷୟିତ୍ରୀ ପ୍ରତିମା ସ୍ୱାଇଁ, କଲ୍ୟାଣୀ ସାହୁ, ସଂଧ୍ୟାରାଣୀ ମିଶ୍ର, ସୁଜାତା ପଣ୍ଡା ଓ ସୌମିତ୍ରୀ ବିଷ୍ଣୁପ୍ରିୟା ମହାନ୍ତି ଉତ୍ସବକୁ ସାଫଲ୍ୟମଣ୍ଡିତ କରିବାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ଓ ସମସ୍ତ ଛାତ୍ରଛାତ୍ରୀ ଓ ପାଚିକାମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ମନ୍ମଥ ଦାଶଙ୍କୁ ଆଦର୍ଶ ଛାତ୍ର ଭାବେ କାଶୀନାଥ ମିଶ୍ର ସ୍ମାରକୀ ପୁରସ୍କାର ରୂପେ ସିଲ୍ଡ ଓ ୧୦୦୦ ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା। ସପ୍ତମ ଶ୍ରେଣୀ ଛାତ୍ର ଶ୍ରିୟାଂଶୁ ଦାଶଙ୍କୁ ଆଦର୍ଶ ଛାତ୍ର ଭାବେ ଭିକାରୀ ପାତ୍ର ସ୍ମାରକୀ ପୁରସ୍କାର ରୂପେ ସିଲ୍ଡ ଓ ୧୦୦୦ ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା। ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ବିବରଣୀ ପାଠ କରିଥିଲେ ଏବଂ ସହକାରୀ ଶିକ୍ଷୟିତ୍ରୀ ସୁଜାତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବ ସ୍ୱେଚ୍ଛାସେବୀ ପୁରସ୍କୃତ



**ରାଜନଗର, ୯ ।୧(ସମିସ):** ରାଜ୍ୟ ଆଞ୍ଚଳିକ ପରିବହନ ନିଗମ କେନ୍ଦ୍ରାପଡା ଶାଖା ପକ୍ଷରୁ ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ଟାଉନ ହଲ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏଡିଏମ ନିଲୁ ମହାପାତ୍ର, ଆରଟିଓ ଧିରେନ୍ଦ୍ର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରାଜନଗର ବ୍ଲକ ହାତିନା ପଞ୍ଚାୟତ ଅନ୍ତର୍ଗତ ଜୁଣୁପଙ୍ଗରା ଗ୍ରାମର ଯୁବ ସ୍ୱେଚ୍ଛାସେବୀ ସନ୍ୟାସୀ କୁମାର ରାଉତଙ୍କୁ କର୍ତ୍ତବ୍ୟ ନିଷ୍ଠା, ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା ଓ ଅସହାୟମାନଙ୍କୁ ସହାୟତା କ୍ଷେତ୍ରରେ ପୁରସ୍କୃତ କରାଯାଇଛି ।

## ରକ୍ତଦାନ ଶିବିର ପ୍ରସ୍ତୁତି ବୈଠକ




**ଓଲାଭର, ୯ ।୧(ସମିସ):** ଆଜି ଓଲାଭର କଲେଜ ରେ ଅଧକ୍ଷ ହଳଧର ବେହେରାଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟ ର ୪୩ ନମ୍ବର ଶ୍ରେଣୀ ପ୍ରକୋଷ୍ଠ ରେ, ପ୍ରତାପ କୁମାର ବିଶ୍ୱାଳ ବସନ୍ତ କୁମାର ସେଠୀ ଙ୍କ ସଂଯୋଜନା ରେ ନୂଆ -ଓ, ଯୁବ ଓଡିଶା ନବୀନ ଓଡିଶା, ଯୁବ ରେଡକ୍ରସ, ଜାତୀୟ ସେବା ସଂସ୍ଥା ଆନୁକୂଲ୍ୟରେ ମହାବିଦ୍ୟାଳୟ ର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଓ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ସ୍ୱୋଚ୍ଛାକୃତ ରକ୍ତଦାନ ଶିବିର ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ପ୍ରସ୍ତୁତି ବୈଠକରେ ଆଗାମୀ ଜାନୁଆରୀ ୧୨ତାରିଖ ଶୁକ୍ରବାର ଦିନ ଅନୁଷ୍ଠିତ ହେବାକୁ ଥିବା ଶିବର ପାଇଁ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଯାଇଛି । ଅଧ୍ୟାପିକ ମଧୁସ୍ମିତା ଶୁକ୍ଲା ଧନ୍ୟବାଦ ଅର୍ପଣ କରିଥିଲେ ।

## ମାର୍ଶାଘାଇ ଓ ଯମପଡ଼ାରେ ଧାନମଣ୍ଡି ଖୋଲିଲା




**ମାର୍ଶାଘାଇ, ୯ ।୧(ସମିସ):** ମାର୍ଶାଘାଇ ଏବଂ ଯମପଡା ସମବାୟ ସମିତି ରେ ସୋମବାର ଧାନମଣ୍ଡି ଉଦଘାଟିତ ହୋଇଛି । ମାର୍ଶାଘାଇ ସମିତିରେ ବିଡ଼ିଓ ରଶ୍ମିରେଖା ମଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଣ୍ଡି ଉଦଘାଟନ କରିଥିଲେ ।ସମବାୟ ସମିତି ସଭାପତି ପ୍ରଦୀପ୍ତ କୁମାର ଗାହକ୍ଷଣ, ଉପ ସଭାନେତ୍ରୀ ନମିତା ଚଇନି, କୃଷି କର୍ମଚାରୀ ଭାରଦ୍ୱାଜ ମାଝୀ ନିର୍ଦ୍ଦେଶକ ଉପେନ୍ଦ୍ର ବେହେରା, ମଧୁସୂଦନ ଦାସ, ବିଚିତ୍ରାନନ୍ଦ ବେହେରା, ବିଜ୍ଞାନ ଦାସ, ଗୁରୁ ଚରଣ ସ୍ୱାଇଁ, କ୍ରୟ କମିଟି ସଦସ୍ୟ ବିପିନ ବିହାରୀ ସ୍ୱାଇଁ, ଲଲାଟେନ୍ଦୁ ଦାସ, ହେମନ୍ତ କର, ସମ୍ପାଦକ ଗୋବର୍ଦ୍ଧନ ସାହୁ, ସହ ସମ୍ପାଦକ ପ୍ରଦ୍ୟୁମ୍ନ ଦାସ, ସଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଯମପଡା ପ୍ରାଥମିକ କୃଷି ସମବାୟ ସମିତିରେ ସଭାପତି ଧନୁର୍ଦ୍ଧର ମହାନ୍ତି, କ୍ରୟ କମିଟି ସଦସ୍ୟ ସୁବାସ ଖୁଣ୍ଟିଆ, ମେହେନ୍ଦି ନଗର ସମିତି ସଭ୍ୟ ରମାକାନ୍ତ ମହାନ୍ତି, ବିଚିତ୍ର ନାୟକ, ଅମୀୟ ପରିଡା, ନିର୍ଦ୍ଦେଶକ ରମେଶ ରାଉତ, ନିରଞ୍ଜନ ମହାନ୍ତି, ଚାଷୀ ଅଜୟ ପରିଡା, ପ୍ରହ୍ଲାଦ ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ସମ୍ପାଦକ ପ୍ରମୋଦ କୁମାର ବାରିକ, କର୍ମଚାରୀ ପର୍ଶୁରାମ ମାହାଳି, ଅଧିକାରୀ ଭ୍ରମରବର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## କେନ୍ଦ୍ରାପଡ଼ା ବରିଷ୍ଠ ନାଗରିକ ମଞ୍ଚର ବୈଠକ

**କେନ୍ଦ୍ରାପଡା, ୯ ।୧(ସମିସ):** ଗତକାଲି ରବିବାର ୧୧ ଘଟିକା ସମୟରେ ବରୀ କେନ୍ଦ୍ରାପଡ଼ା ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ଏକ୍‌ଜିକ୍ୟୁଟିଭ୍ ଓ ଆଡଭାଇଜର କମିଟି ସଦସ୍ୟମାନଙ୍କର ଏକ ବୈଠକ ଖଡିଅଙ୍ଗସ୍ଥିତ ଅଫିସ୍ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସଭାପତି ଅକ୍ଷୟ କୁମାର ମହାନ୍ତି ଅଧକ୍ଷତା କରି ସମସ୍ତ ସଦସ୍ୟମାନଙ୍କୁ ନବବର୍ଷର ଶୁଭେଚ୍ଛା ଜ୍ଞାପନ କରିଥିଲେ । ମଞ୍ଚର ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ପୂର୍ବ ଅଧିବେଶନର ବିବରଣୀ ପାଠ କରିଥିଲେ । ଉକ୍ତ ସଭାରେ ବରିଷ୍ଠ ନାଗରିକମାନଙ୍କ ପରିଚୟ ପତ୍ର ପ୍ରସଙ୍ଗ, ମଞ୍ଚର ସ୍ଥାୟୀ ଗୃହ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଉକ୍ତ ସଭାରେ ଡାକ୍ତର ବିଶ୍ୱପ୍ରକାଶ କାନୁନ୍‌ଗୋ, ଡାକ୍ତର ନିରଞ୍ଜନ ମହାନ୍ତି, ଡାକ୍ତର ଶରତ ଚନ୍ଦ୍ର ସ୍ୱାଇଁ, ଡାକ୍ତର ବିଜୟ କୁମାର ଦାସ, ବୈଷ୍ଣବ ଚରଣ ପ୍ରଧାନ, ଅଦୈତ କୁମାର ଦାସ, ଶୈଳେନ୍ଦ୍ରନାଥ ମହାନ୍ତି, କିଶୋର ଚନ୍ଦ୍ର ପରିଡା, ରବିନ୍ଦ୍ର କୁମାର ବାରିକ, ନିତ୍ୟାନନ୍ଦ ସୁଆର ଏବଂ ଶରତ କୁମାର ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ । ନାଗରିକ ମଞ୍ଚର ସର୍ବାଙ୍ଗୀନ ଉନ୍ନତି ପାଇଁ ବାର୍ଷିକ ଚାନ୍ଦା ଆଦାୟ ଉପରେ ଗୁରୁତ୍ୱ ଦିଆଯିବା ପାଇଁ ସମସ୍ତ ସଦସ୍ୟ ମତବ୍ୟକ୍ତ କରିଥିଲେ । ସର୍ବଶେଷରେ ମଞ୍ଚର ଉପସଭାପତି ପ୍ରହଲ୍ଲାଦ ମଲ୍ଲ ଓ ସମସ୍ତ ସଦସ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ପରେ ସଭାସଙ୍ଗ କରାଯାଇଥିଲା ।

### ଡଲଫିନ୍‌ଙ୍କ ନୂଆ ଏନ୍ତୁଡ଼ିଶାଳ ଗହୀରମଥା

# ସାରା ଓଡିଶାରେ ୭୩୩, ଭିତରକନିକାରେ ୫୫୦

**ରାଜନଗର, ୯ ।୧(ସମିସ)**

ବିଶ୍ୱପ୍ରସିଦ୍ଧ ଭିତରକନିକା ବିରଳ ବଉଳାକୁମ୍ଭୀରଙ୍କ ପାଇଁ ପ୍ରସିଦ୍ଧି ଲାଭ କରିଛି । ଡାଙ୍ଗମାଳ ଠାରେ ବଉଳାକୁମ୍ଭୀର ପ୍ରଜନନ ଓ ସଂରକ୍ଷଣ କେନ୍ଦ୍ର ରହିଛି । ଭାରତର ଭିତରକନିକାରେ ସର୍ବାଧିକ ବଉଳାକୁମ୍ଭୀର ଦେଖିବାକୁ ମିଳେ । ଏହାବାଦେ ପ୍ରାକୃତିକ ପରିବେଶରେ ସବୁଠୁ ଅଧିକ ଧଳା କୁମ୍ଭୀର ଭିତରକନିକାରେ ଅଛନ୍ତି । ଏଥିସହ ଗହୀରମଥା ବିରଳ ଅଲିଭରିଡଲେ କଇଁଛଙ୍କ ଏନ୍ତୁଡିଶାଳ । ଏହା ଆରିବାଡା ରୂପେ ପରିଚିତ । ଗହୀରମଥାରେ ଲକ୍ଷ ଲକ୍ଷ ସାମୁଦ୍ରିକ ଅଲିଭରିଡଲେ କଇଁଛ ଗଣଅଣ୍ଡାଦାନ ପକ୍ରିୟାରେ ସାମିଲ ହୋଇଥାନ୍ତି । ସାରା ବିଶ୍ୱରେ ଉପଲବ୍ଧ ସଂଖ୍ୟା ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ଅଲିଭରିଡଲେ ଗହୀରମଥାରେ ଗଣଅଣ୍ଡା ଦାନ କରିଥାନ୍ତି । ଏମାନଙ୍କ ଆଗମନ, ପ୍ରଜନନ, ଅଣ୍ଡାଦାନ ଓ ଛୁଆ ଫୁଟିବା ପରି ବିରଳ ପ୍ରାକୃତିକ ପକ୍ରିୟା ସମସ୍ତଙ୍କୁ ବିମୋହିତ କରିଥାଏ । ବଉଳାକୁମ୍ଭୀର ଓ ଅଲିଭରିଡଲେଙ୍କ ପାଇଁ ଭିତରକନିକା ବିଶ୍ୱ ପ୍ରାକୃତିକ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଭିତରକନିକା ପରିଚୟରେ ଆଉ ଏକ ନୂଆ ଫର୍ଦ୍ଦ ଯୋଡି ହୋଇଯାଇଛି । ଓଡିଶାରେ ସବୁଠୁ ଅଧିକ ଓ ଅଧିକ ପ୍ରଜାତିର ଡଲଫିନ ଗହୀରମଥା ଓ ଭିତରକନିକାରେ ଦେଖିବାକୁ ମିଳିଛି । କେବଳ ସବୁଠୁ ଅଧିକ ପ୍ରଜାତିର ନୁହେଁ, ଅଧିକ ସଂଖ୍ୟାରେ ଡଲଫିନ ଶାବକଙ୍କୁ ଦେଖିବାକୁ ମିଳିଥିବାରୁ ଗହୀରମଥା ଡଲଫିନଙ୍କ ଏନ୍ତୁଡିଶାଳ ପାଲଟିଛି କହିଲେ ଭୁଲ ହେବନାହିଁ ।

୨୦୨୨ ଡିସେମ୍ବର୨୧ ତାରିଖ ଠାରୁ ୨୩ ତାରିଖ ଯାଏଁ ୩ଦିନ ଧରି ଭିତରକନିକା ଜାତୀୟ ଉଦ୍ୟାନର ନଦୀ ଓ ଗହୀରମଥାର ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଡଲଫିନ ଗଣନା କରାଯାଇଥିଲା । ଆଉଟର ହୁଇଲର ରୁ ଚିଞ୍ଚିରି ମାଉଥ, ବରୁଣେଇରୁ ପାରାଦ୍ୱୀପ, ହଂସିଣା ବ୍ରିଜରୁ ମାଇପୁରା ମାଉଥ୍, ରାଜନଗର ହଂସୁଆ ନଦୀରୁ ଖୋଲା, ଖୋଲାରୁ ଧାମରା ମାଉଥ୍ ଭାୟା ନଳିତାପାଟିଆ, କାଳିଭଂଜଡିଆ, ଜମ୍ବୁ ଖରନାସୀରୁ ହୁକିଟୋଲା, ପାରାଦ୍ୱୀପରୁ ଜଟାଧାର ମୁହାଁଣ ଓ ଦେବୀ ମୁହାଁଣ ରୁ ଜଟାଧାର ମୁହାଁଣ ଯାଏଁ ୯ଟି ଗ୍ରୁପ ଗଣନା କରିଥିଲେ । ସମୁଦ୍ର ମଧ୍ୟରେ ୫ଟି ଟିମ ଓ ନଦୀ ଏବଂ କ୍ରିକରେ ୪ଟି ଟିମ ଗଣନା କରିଥିଲେ । ଏହି ଗଣନା ସମୟରେ ଭିତରକନିକା ପାଇଁ ନୂଆ ସମ୍ଭାବନା ମିଳିଥିଲା । ସବୁଠୁ ବଡକଥା ହେଲା ଡଲଫିନ ଗଣନା ସମୟରେ ବଡ ଡଲଫିନଙ୍କ ସହିତ ଡଲଫିନ ଶାବକ ଦେଖିବାକୁ ମିଳିଥିବାରୁ ଏହା ଭିତରକନିକା ଓ ଗହୀରମଥା ପାଇଁ ନୂଆ ସମ୍ଭାବନା ସୃଷ୍ଟି କରିଛି । ଗତବର୍ଷ ସାରା ଓଡିଶାରେ ୭୩୩ଟି ଡଲଫିନ ଚିହ୍ନଟ କରାଯାଇଥିବା ବେଳେ ସେଥିମଧ୍ୟରୁ



ଗହୀରମଥା ଓ ଭିତରକନିକାରେ ୫୫୦ଟି ଡଲଫିନ ଚିହ୍ନଟ କରାଯାଇଛି । ଅର୍ଥାତ୍ ସାରା ଓଡିଶାର ୭୫ ପ୍ରତିଶତ ଡଲଫିନ ଗହୀରମଥା ଓ ଭିତରକନିକାରେ ଅଛନ୍ତି । ଗତବର୍ଷ କେବଳ ଗହୀରମଥା ରେଂଜରେ ୫୪୪ଟି ଡଲଫିନ ଚିହ୍ନଟ କରାଯାଇଥିବା ବେଳେ କନିକା ରେଂଜରେ ୪ଟି ଓ ରାଜନଗର ରେଂଜରେ ୨ଟି ଡଲଫିନ ଗଣନା ବେଳେ ଦେଖିବାକୁ ମିଳିଥିଲା । ଗହୀରମଥାରେ ହମ୍ପବ୍ୟାକ୍‌ର ସଉସା ପ୍ଲମ୍ବିଆ ପ୍ରଜାତିର ୨୦୮ଟି, ହମ୍ପବ୍ୟାକ୍‌ର ସଉସା ଚାଇନିଜ ପ୍ରଜାତିର ୨୮୧ଟି, ବଟଲନୋଜ ପ୍ରଜାତିର ୫୨ଟି , ସ୍ପିନର ପ୍ରଜାତିର ୩ଟି ଡଲଫିନ ଗଣନା ବେଳେ ଦେଖିବାକୁ ମିଳିଛି । ସେହିପରି କନିକା ରେଂଜର ଖୋଲାରୁ କଂଟିଆଖାଇ ମଧ୍ୟରେ ୪ଟି ଇରାୱାର୍ଡି ପ୍ରଜାତିର ଡଲଫିନ ଦେଖିବାକୁ ମିଳିଥିବା ବେଳେ ରାଜନଗର ରେଂଜରେ ୨ଟି ଡଲଫିନ ରହିଛନ୍ତି । ଦୀର୍ଘ ବର୍ଷ ଧରି ଡଲଫିନଙ୍କ ଏନ୍ତୁଡିଶାଳ ଓଡିଶାରେ ଚିଲିକାକୁ ଗଣାଯାଉଥିଲା । କେବଳ ଚିଲିକାରେ ହିଁ ଡଲଫିନଙ୍କ ଗଣନା ହେଉଥିଲା । ୨୦୧୫ ମସିହାରେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ନିଷ୍ପତି କ୍ରମେ ଭିତରକନିକା, ପୁରୀ, ବ୍ରହ୍ମପୁର, ଭଦ୍ରକ, ବାଲେଶ୍ୱର ଓ ବାରିପଦାରେ ଡଲଫିନ ଗଣନା କରାଯାଉଛି । ପ୍ରଥମ ବର୍ଷ ୭ଟି ସ୍ଥାନରେ ସମୁଦାୟ ୪୫୦ଟି ୭ ପ୍ରଜାତିର ଡଲଫିନ ଚିହ୍ନଟ ହୋଇଥିବା ବେଳେ କେବଳ ଭିତରକନିକାରେ ୬ପ୍ରଜାତିର ୨୭୦ଟି ଡଲଫିନ ଦେଖିବାକୁ ମିଳିଥିଲା । ପରବର୍ତୀ ଅବସ୍ଥାରେ ୨୦୧୬ ରେ ମାତ୍ର ୧୯ଟି ୨୦୧୭ରେ ୮୨ଟି, ୨୦୧୮ରେ ୩୦୭ଟି, ୨୦୧୯ରେ ୧୧୨ଟି, ୨୦୨୦ରେ ୬୨ଟି ଓ ୨୦୨୧ରେ ୩୪୨ଟି ଡଲଫିନ ଚିହ୍ନଟ ହୋଇଥିଲା । ପ୍ରତିବର୍ଷ ଜାନୁୟାରୀରେ ଡଲଫିନ ଗଣନା କରାଯାଇଥାଏ । ପାଗର ପ୍ରତିକୂଳ ଓ ଅତ୍ୟଧିକ କୁହୁଡି ଯୋଗୁଁ ଅଧିକାଂଶ ବର୍ଷ ଡଲଫିନ ଗଣନା ବାଧାପ୍ରାପ୍ତ ହୋଇଥିଲା । ସେଥିପାଇଁ ମାତ୍ର ୨୦୨୨ରେ ଡିସେମ୍ବରରେ ଡଲଫିନ ଗଣନା କରାଯାଇଥିଲା । ୨୦୨୨ରେ ସାରା ଓଡିଶାରେ ୭୨୬ଟି ଡଲଫିନ ଚିହ୍ନଟ ହୋଇଥିବା ବେଳେ ସେଥିମଧ୍ୟରୁ ଗହୀରମଥା ଓ ଭିତରକନିକାରେ ୫୪୦ଟି ଡଲଫିନ ଚିହ୍ନଟ ହୋଇଥିଲା । ଗତବର୍ଷ ସାରା ଓଡିଶାରେ ୭୩୩ଟି ଡଲଫିନ ଚିହ୍ନଟ ହୋଇଥିବା ବେଳେ ସେଥିମଧ୍ୟରୁ ଗହୀରମଥା ଓ ଭିତରକନିକାରେ ୫୫୦ଟି ଡଲଫିନ ଚିହ୍ନଟ ହୋଇଛନ୍ତି । ବଉଳାକୁମ୍ଭୀର ଓ ଅଲିଭରିଡଲେଙ୍କ ଏନ୍ତୁଡିଶାଳ ରୂପେ ପରିଚିତ ଭିତରକନିକା ଏବେ ଡଲଫିନଙ୍କ ଏନ୍ତୁଡିଶାଳ ପାଲଟିବାକୁ ଯାଉଛି । ଗହୀରମଥାରେ ଗଣନା ସମୟରେ ଏକସଙ୍ଗରେ ଶତାଧିକ ଡଲଫିନଙ୍କ ଜଳକ୍ରୀଡା ଦେଖିବାକୁ ମିଳିଥିବା ବେଳେ ସେହି ଗ୍ରୁପରେ ବଡ ଡଲଫିନଙ୍କ ସହିତ ଶାବକ ଡଲଫିନଙ୍କୁ ଦେଖିବାକୁ ମିଳିଥିବାରୁ ଗହୀରମଥା ଡଲଫିନ ଏନ୍ତୁଡିଶାଳ ବୋଲି କୁହାଯାଉଛି । ପେଣ୍ଠ ଇକୋ ରିଟ୍ରିଟ ସମ୍ମୁଖ ଓ ହବାଲିଖଟି ଡଲଫିନ ହାଉସ ସମ୍ମୁଖ ସମୁଦ୍ରରେ ଶତାଧିକ ଡଲଫିନଙ୍କ ଜଳକ୍ରିୟା ପର୍ଯ୍ୟଟକଙ୍କୁ ବିମୋହିତ କରୁଛି ।

### କାଳ ସାଜିଲା ଆଖିର ମୋତିଆବିନ୍ଦୁ ଅପରେସନ

## ତ୍ରୁଟି ପାଇଁ ଅନ୍ଧ ହୋଇଗଲେ ମହିଳା

**ଜଗତସିଂହପୁର, ୯ ।୧(ସମିସ):** ପୂର୍ବରୁ ଆଖିକୁ ଭଲ ଦେଖା ନଗଲେ ମଧ ସବୁ କିଛି ଦେଖାଯାଉଥିଲା । ଘରର ରନ୍ଧାବଢା ସବୁକାମ କରିବା ସହିତ ସ୍ୱାମୀକୁ କାମରେ ସାହାର୍ଯ୍ୟ କରୁଥିଲେ ମହିଳା । ତେବେ ମାଇକ୍‌ରେ ପ୍ରଚାର ଶୁଣି ମାଗଣା ଚକ୍ଷୁ ଚିକିତ୍ସା ଶିବିରକୁ ଯାଇଥିଲେ । ଏହାପରେ ଉକ୍ତ ସଂସ୍ଥା ଦ୍ୱାରା ଅପରେସନ ହେବାପରେ ଦୃଷ୍ଟିଶକ୍ତି ହରାଇବା ସହ ଆଖିର ଯନ୍ତ୍ରଣା ସହିନପାରି ଚାରିଥର ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିବା ଜଣାପଡିଛି । ଏହିଘଟଣାଟି ରଘୁନାଥପୁର ବ୍ଲକ କେରଡାଙ୍ଗ ଠାରେ ଘଟିଥିବା ଜଣାପଡିଛି ।



### ଚାରିଥର କରିଛନ୍ତି ଆତ୍ମହତ୍ୟା ଉଦ୍ୟମ

ଦୃଷ୍ଟିଶକ୍ତି ହରାଇଥିବା ମହିଳା ଡଲି ପ୍ରଧାନ (୬୫)ଙ୍କ ପରିବାର ପକ୍ଷରୁ ଏବେ ତାଙ୍କୁ ଜଗି ରହିବା ସହିତ ଅପରେସନ କରିଥିବା ଉକ୍ତ ସଂସ୍ଥା ବିରୋଧରେ ଅଭିଯୋଗ ହେଉଛି ।

ଖବର ଅନୁସାରେ, ରଘୁନାଥପୁର କେରଡାଙ୍ଗ ଗ୍ରାମର କ୍ଷୀରୋଦ ପ୍ରଧାନଙ୍କ ସ୍ତ୍ରୀ ଡଲି ପ୍ରଧାନ ବିଜୁ ସ୍ୱାସ୍ଥ୍ୟ କାର୍ଡରେ ଗତ ୧୦ମାସ ତଳେ ଅପରେସନ ହୋଇଥିଲେ । ଅପରେସନ ପରେ ମେଡିକାଲ କର୍ତ୍ତୃପକ୍ଷ ତାଙ୍କୁ ଆଣି ଘରେ ଛାଡି ଦେଇଥିଲେ । ଏପରିକି ପରବର୍ତ୍ତୀ ଚିକିତ୍ସା ଠିକ୍‌ରେ କରାଯାଇନଥିଲା । ଆଖିରେ ଯନ୍ତ୍ରଣା ବଢିଥିଲେ ମଧ ମେଡିକାଲ କର୍ତ୍ତୃପକ୍ଷ ଦିନ ଗଡାଇଥିଲେ । କେବେ ଯାଜପୁର, କେବେ କଟକ ଓ କେବେ ଭୁବନେଶ୍ୱରକୁ ଡାକି ଏହି ଗରିବ ପରିବାରକୁ କେବଳ ଖର୍ଚ୍ଚାନ୍ତ କରିଥିବା ମହିଳାଙ୍କ ସ୍ୱାମୀ ପ୍ରକାଶ କରିଛନ୍ତି ।

ପରବର୍ତ୍ତୀ ଚିକିତ୍ସା ପାଇଁ ସେମାନେ ନିଜର ଶେଷ ସମ୍ବଳ ଜମିବାଡି ବିକିବା ସହିତ ଧାର କରଜ କରି ଚିକିତ୍ସା କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ । ଚତୁର ଚକ୍ଷୁ ଚିକିତ୍ସାଳୟ କର୍ତ୍ତୃପକ୍ଷ ନିଜର ଦୋଷକୁ ଅସ୍ୱୀକାର କରିବା ସହିତ ଏପର୍ଯ୍ୟନ୍ତ ପୀଡିତାଙ୍କୁ କୌଣସି ସହାୟତା କରିନାହାଁନ୍ତି । ଅନ୍ୟପକ୍ଷରେ ଆଖିର ଯନ୍ତ୍ରଣା ସହିନପାରି ଉକ୍ତ ମହିଳା ଜଣକ ଚାରିଥର ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ ମଧ ତାଙ୍କୁ ପଡୋଶୀ ଓ ଗ୍ରାମବାସୀ ପ୍ରତିଥର ଉଦ୍ଧାର କରିଛନ୍ତି । ପିଲାଛୁଆ ନଥିବା ଏହି ବୃଦ୍ଧ ମହିଳାଙ୍କ ସ୍ୱାମୀ କ୍ଷୀରୋଦ ପ୍ରଧାନ କାମକୁ ନଯାଇ ଘରେ ସ୍ତ୍ରୀକୁ ଜଗି ବସିଛନ୍ତି । ଫଳରେ ଅର୍ଥ ଅଭାବରୁ ସେମାନଙ୍କୁ ଦିନେ ଦିନେ ଉପାସ ରହିବାକୁ ପଡୁଛି । ଏ ସମ୍ପର୍କରେ ଉକ୍ତ ମେଡିକାଲ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ସେମାନେ ଡଲି ପ୍ରଧାନଙ୍କୁ ଆଉଥରେ ଚିକିତ୍ସା କରିବାକୁ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ମହିଳାଙ୍କୁ ଉପଯୁକ୍ତ ଚିକିତ୍ସା ସହିତ କ୍ଷତିପୂରଣ ଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି ।

## ମୃତ ଚାଷୀଙ୍କ ପତ୍ନୀଙ୍କୁ ବୀମାରାଶି ଚେକ୍ ପ୍ରଦାନ

**ମାର୍ଶାଘାଇ, ୯ ।୧(ସମିସ):** ମାର୍ଶାଘାଇ ପ୍ରାଥମିକ କୃଷି ସମବାୟ ସମିତିର ଚାଷୀ ସ୍ୱର୍ଗତ ଚିତ୍ତରଞ୍ଜନ ବସନ୍ତିଆଙ୍କ ବିଧବା ପତ୍ନୀ ସୌଦାମିନୀ ବସନ୍ତିଆଙ୍କୁ ମଙ୍ଗଳବାର ସମିତି ପକ୍ଷରୁ ଏକ ଲକ୍ଷ ଟଙ୍କାର ବୀମାଟଙ୍କା ଚେକ ପ୍ରଦାନ କରାଯାଇଛି । ସମିତି ସଭାପତି ପ୍ରଦୀପ୍ତ କୁମାର ଗାହାଣ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ମାର୍ଶାଘାଇ ଶାଖା



ପରିଚାଳକ ଦୁର୍ଗାମାଧବ ନନ୍ଦ, ଆକାଉଣ୍ଟାଣ୍ଟ ଦୀପାଞ୍ଜଳି ମୁଣ୍ଡାରୀ, ସମ୍ପାଦକ ଗୋବର୍ଦ୍ଧନ ସାହୁ ଉପସ୍ଥିତ ଥିଲେ ।

● ଜାତୀୟ କରାଟେ ଚମ୍ପିଅନ୍‌ସିପ୍

## ଆଇଜିକେ କରାଟେକାଙ୍କ ସଫଳତା



**ପାରାଦୀପ, ୯ ।୧ (ସମିସ) :** କଟକଠାରେ ଟିଏସକେଏଫଆଇ ଦ୍ୱାରା ଅନୁଷ୍ଠିତ ଜାତୀୟ କରାଟେ ଚମ୍ପିୟାନସିପ୍ ଆଇଜିକେର କରାଟେ ମାନଙ୍କୁ ମିଳିଛି ବିପୁଳ ସଫଳତା ।ଆଇଜିକେ ପାରଦୀପର ଶାଖାର କରାଟେ ମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୧୦ ଗୋଟି ମେଡାଲ ହାସଲ କରିଛନ୍ତି । ଶନିବାର ଓ ରବିବାର ଦୁଇ ଦିନ ଧରି କଟକଠାରେ ଟିଏସକେଏଫଆଇର ଜାତୀୟ ସଭାପତି ସିହାନ ଆଦିତ୍ୟ ମିଶ୍ର ଏହି ପ୍ରତିଯୋଗିତାର ଆୟୋଜନ କରିଥିଲେ । ଓଡିଶା ସମେତ ବିଭିନ୍ନ ରାଜ୍ୟର କରାଟେକାମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଆଇଜିକେ ଓଡିଶାର ସାଧାରଣ ସମ୍ପାଦକ ତଥା ମୁଖ୍ୟ ପ୍ରଶିକ୍ଷକ ସିହାନ ସଂଜୟ ସାହାଙ୍କ ନେତୃତ୍ୱରେ କରାଟେକାମାନେ ଅଂଶଗ୍ରହଣ କରି ସଫଳତା ହାସଲ କରିଛନ୍ତି । ସୋମବାର ଦିନ ଏହି ସଫଳ କରାଟେକାମାନଙ୍କୁ ଆଇଜିକେ ପାରାଦୀପ ଶାଖା ପକ୍ଷରୁ ଆବିଦ ଅବଦୁଲ ଖାଁ ଅଭିନନ୍ଦନ ଜଣାଯାଇଛନ୍ତି ।

## ଗାଦିବ୍ରହ୍ମ ମହିଳା ଡିଗ୍ରୀ କଲେଜରେ 'ନୂଆ-ଓ' ଉଦ୍‌ଯାପିତ

**ଜଗତସିଂହପୁର, ୯ ।୧(ସମିସ):** ଜିଲ୍ଲାର କାଦୁଆପଡାସ୍ଥିତ ଗାଦିବ୍ରହ୍ମ ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ପରିଚାଳନା କମିଟିର ସଭାପତି ଶରତ ଚନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦର ସଭାପତି ମନୋଜ କୁମାର ଭୋଇ ଯୋଗଦେଇ ଏହା ଓଡିଶା ସରକାରଙ୍କ ଏକ ଜନପ୍ରିୟ କାର୍ଯ୍ୟକ୍ରମ ବୋଲି କହିଥିଲେ । ଯାହାକି ଛାତ୍ରୀ ତଥା ଯୁବ ପ୍ରତିଭାର ବିକାଶରେ ସହାୟକ ହୋଇପାରିବ ବୋଲି ସେ ମତ



ଦେଇଥିଲେ । ମୁଖ୍ୟ ବକ୍ତା ଭାବରେ ପଞ୍ଚାୟତ ସମିତି ଅଧକ୍ଷା କନକପ୍ରଭା ଲେଙ୍କା ଯୋଗଦେଇ ନାରୀଶକ୍ତି ଦେଶର ବଳ , ସେମାନଙ୍କୁ ପ୍ରାଧାନ୍ୟ ଦେଲେ ଦେଶ ଆଗେଇବ ବୋଲି କହିଥିଲେ । ଏଥିରେ ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ପରିଷଦ ସଦସ୍ୟ ବିବେକାନନ୍ଦ ବେହେରା ଯୋଗଦେଇ ନୂଆ-ଓ ଛାତ୍ର ଛାତ୍ରୀଙ୍କ ଅନ୍ତର୍ନିହିତ ବିକାଶ ଲାଗି ଏକ ସୁନ୍ଦର ପରିକଳ୍ପନା ବୋଲି କହିଥିଲେ । ମହାବିଦ୍ୟାଳୟର ଅଧକ୍ଷା ସସ୍ମିତା ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ନୁଆ-ଓ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ପବିତ୍ର ମୋହନ ଶତପଥୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ । ଅନ୍ୟତମ ନୋଡାଲ ଅଧିକାରୀ ଅଶୋକ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ । କୃତି ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ବ୍ଲକ୍‌ସ୍ତରୀୟ ଧାନମଣ୍ଡି ଉଦ୍‌ଘାଟିତ

**ରାଜନଗର, ୯ ।୧(ସମିସ)**

କେନ୍ଦ୍ରାପଡା ଜିଲ୍ଲାରେ ଚଳିତମାସ ୫ ତାରିଖରେ ଜିଲ୍ଲାସ୍ତରୀୟ ଧାନମଣ୍ଡି ଉଦ୍‌ଘାଟିତ ହୋଇଥିବା ବେଳେ ଆଜି ରାଜନଗର ବ୍ଲକରେ ଖରିଫ ଧାନ ସଂଗ୍ରହ ପାଇଁ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି । ରାଜନଗର ବ୍ଲକର ସାନଓରଠାରେ ଏହି ବ୍ଲକସ୍ତରୀୟ ଧାନମଣ୍ଡିକୁ ରାଜନଗର ବିଡିଓ ନିଶାନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ କୌଣସି ଚାଷୀ ଯେପରି ଧାନ ଦେବାରେ ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେଥିପ୍ରତି ପ୍ରାଥମିକ କୃଷି ସେବା ସମବାୟ ସମିତିର ସଂପାଦକ ଓ ମିଲର ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ବ୍ଲକ ଯୋଗାଣ ଅଧିକାରିଣୀ ଅଳକା ମଲ୍ଲିକ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ବିଶ୍ୱ ପ୍ରକାଶ ସାମଲ, ଆମ୍ବର ଅଧକ୍ଷ ଗୋବର୍ଦ୍ଧନ ପ୍ରଧାନ, ରାଜନଗର ଗ୍ରାମ ପଞ୍ଚାୟତ ସରପଞ୍ଚ ସୁଶ୍ରୀ ସଂଗୀତା ମିଶ୍ର, ସମିତିସଭ୍ୟା ସୁମିତ୍ରା ସେଠୀ, ରାଜନଗର ପ୍ରାଥମିକ କୃଷି ସେବା ସମବାୟ ସମିତିର ସଭାପତି ଦଧିବାମନ ଭୂୟାଁ, ତାଳଚୁଆ ସେବା ସମବାୟ ସମିତିର ସଭାପତି ବଳରାମ ମଣ୍ଡଳ, ବାଲିସାହିପାଟଣା କୃଷି ସେବା ସମବାୟ ସମିତିର ସଭାପତି ବଂଶୀଧର ବରାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ରାଜନଗର ପ୍ରାଥମିକ କୃଷି ସେବା ସମବାୟ ସମିତିର ନିର୍ଦ୍ଦେଶକ ଚିତ୍ତରଞ୍ଜନ ଦାସ, ବିଜୟ କୁମାର ଗୁପ୍ତା, ରବି ନାରାୟଣ ଲେଙ୍କା, ଖଗେଶ୍ୱର ସେଠୀ, ବାବାଜୀ ମିଶ୍ର, ନାରାୟଣ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ନୋଧା ବସନ୍ତ ସେବା ସମବାୟ ସମିତିର ସଂପାଦକ ଗୋବିନ୍ଦ ଚନ୍ଦ୍ର ଜେନା, ତାଳଚୁଆ ସେବା ସମବାୟ ସମିତିର ସଂପାଦକ ଯୋଗେନ୍ଦ୍ର ବାରିକ, ବାଲିସାହିପାଟଣା ସେବା ସମବାୟ ସମିତିର ସଂପାଦକ ଅମର କୁମାର ବଳ, ଭାଟପଡା ସେବା ସମବାୟ ସମିତିର ସଂପାଦକ ନୀଳମଣି ପ୍ରଧାନ, ରାଜନଗର ସେବା ସମବାୟ ସମିତିର ସଂପାଦକ ଜ୍ଞାନ ରଂଜନ ନାୟକ, ଓସ୍ତିଆ ସେବା ସମବାୟ ସମିତିର ସଂପାଦକ ସତ୍ୟ ନାରାୟନ ନାୟକ, କୋଇଲିପୁର ସେବା ସମବାୟ ସମିତିର ସଂପାଦକ ପ୍ରକାଶ କୁମାର ଜେନା, ଗୋପାଳପୁର ସେବା ସମବାୟ ସମିତିର ସଂପାଦକ ଅନ୍ତର୍ଯ୍ୟାମୀ ରାଉତ, କ୍ଷେତ୍ରବାସୀ ରାଉତ, ସୁକାନ୍ତ କୁମାର ବେହେରା, ଅଲେଖ କୁମାର ବେହେରା, ପ୍ରେମାନନ୍ଦ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।




## 'ନୂଆ-ଓ' ଜିଲ୍ଲାସ୍ତରୀୟ କ୍ରୀଡ଼ା ଉତ୍ସବ



**କେନ୍ଦ୍ରାପଡା, ୯ ।୧(ସମିସ):** ନୂଆ ଓ ଯୁବ ଓଡିଶା ନବୀନ ଓଡିଶାର ଜିଲ୍ଲାସ୍ତରୀୟ କ୍ରୀଡା ଉତ୍ସବ ସୋମବାରଠାରୁ କେନ୍ଦ୍ରାପଡା ହାଇସ୍କୁଲ ପଡିଆ (ମିନି ଷ୍ଟାଡିୟମ)ଠାରେ ଆୟୋଜିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର ଯୋଗ ଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ । ୫ଦିନ ବ୍ୟାପୀ ଅର୍ଥାତ୍ ଚଳିତ ମାସ ୧୨ ତାରିଖ ପର୍ଯ୍ୟନ୍ତ ଏଠାରେ ଉଭୟ ପୁରୁଷ ଓ ମହିଳା ବର୍ଗର ଖେଳାଳୀମାନେ ସେମାନଙ୍କ କ୍ରୀଡା ନୈପୁଣ୍ୟ ପ୍ରଦର୍ଶନ କରିବେ । ଫୁଟବଲ୍, ଭଲିବଲ୍, ଖୋ ଖୋ, କବାଡି ଓ କ୍ରିକେଟ୍ ଖେଳରେ ବ୍ଲକ୍ ସ୍ତରରୁ ପ୍ରଦର୍ଶନ ଆଧାରରେ ମନୋନୀତ ହୋଇଥିବା ଦଳମାନେ ଏଠି ଖେଳିବାର ସୁଯୋଗ ପାଇଛନ୍ତି । ସେହିପରି ଯେଉଁ ଦଳ ପ୍ରଥମ ସ୍ଥାନ ଅଧିକାର କରିବ ସେହି ଦଳ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଖେଳିବାର ସୁଯୋଗ ପାଇବେ । ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳମାନଙ୍କୁ ଆସନ୍ତା ୨୪ ତାରିଖରେ ବର୍ଣ୍ଣାଢ୍ୟ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସୂଚନା ଦେଇଛନ୍ତି ଉତ୍ସବରେ ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇଥିବା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା । ଏହି ବର୍ଣ୍ଣାଢ୍ୟ ଉତ୍ସବରେ ଜିଲ୍ଲାର ସମସ୍ତ ୯ଟି ବ୍ଲକ୍‌ରୁ ପ୍ରାୟ ୧୦ ହଜାରରୁ ଅଧିକ ଯୁବଶକ୍ତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଉଦ୍‌ଘାଟନୀ ଉତ୍ସବରେ କେନ୍ଦ୍ରାପଡା ଓ ମହାକାଳପଡା ଟିମ୍ ମଧ୍ୟରେ ପ୍ରଥମ ଫୁଟବଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚକୁ ମୀର୍ଜା ସଲିମ୍ ବେଗ୍, ଶରତ କୁମାର ଜେନା, ଅମର କୁମାର ଜେନା, ଗୋଲକ ବିହାରୀ ମଲ୍ଲିକ ପରିଚାଳନା କରିଥିଲେ । ଏହି ଉତ୍ସବରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି, ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅଶୋକ ବଳିଆରସିଂହ, ବିଭିନ୍ନ ଆଥ୍‌ଲେଟିକ୍ ଆସୋସିଏସନ୍‌ର କର୍ମକର୍ତ୍ତା, ବିଭିନ୍ନ ସ୍କୁଲର କ୍ରୀଡା ଶିକ୍ଷକ, ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଅଫିସିଆଲ୍ ଷ୍ଟାଫ୍, ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

# କାମରେ ଆସୁନି ଜୈବ ବିଘଟନ ଆବର୍ଜନା କୁଣ୍ଡ

**ରାଜକନିକା, ୯ ।୧(ସମିସ)**

ରାଜକନିକା ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ଗାଁ ମାନଙ୍କରେ ନିର୍ମାଣ ହୋଇଥିବା ଜୈବ ବିଘଟନ ଆବର୍ଜନା କୁଣ୍ଡ କୌଣସି କାମରେ ଲାଗୁନାହିଁ। ଫଳରେ ଯେଉଁ ଉଦ୍ଦେଶ୍ୟ ନେଇ ତିଆରି ହୋଇଥିଲା ତାହା ଆଜି ଦିଗହରା ହୋଇଥିବା ନେଇ ଅଭିଯୋଗ ହେଉଛି।ସୂଚନା ଅନୁସାରେ ରାଜକନିକା ବ୍ଲକ ଅନ୍ତର୍ଗତ ୨୯ ପଞ୍ଚାୟତର ବିଭିନ୍ନ ଗାଁରେ ଇତିମଧ୍ୟରେ ସ୍ୱଚ୍ଛ ଭାରତ ମିଶନ ଯୋଜନା କେନ୍ଦ୍ରାପଡ଼ା ଜିଲ୍ଲା ଜଳ ଓ ପରିମଳ ବିଭାଗ ପକ୍ଷରୁ ଗାଁର ମୁଖ୍ୟରାସ୍ତା କଡ଼ରେ ତିଆରି ହୋଇଛି ଏହି ଆବର୍ଜନା କୁଣ୍ଡ । ଉଦ୍ଦେଶ୍ୟ ହେଉଛି ଏଥିରେ ପନିପରିବା ଚୋପା, କାଗଜପତ୍ର, ଘରୁ ବାହାରୁ ଥିବା ବିଭିନ୍ନ ପ୍ରକାର ଅଳିଆ ଆବର୍ଜନାକୁ ପକାଇବା ଓ ପରିବେଶକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ରଖିବା । ଏଥିପାଇଁ ପ୍ରତ୍ୟେକ କୁଣ୍ଡ ନିମନ୍ତେ ୩୫ ହଜାର ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଛ। ହେଲେ ଏହି କୁଣ୍ଡ ନିର୍ମାଣରେ ବ୍ୟାପକ ଅନିୟମିତତା ସହିତ କେବଳ ଠିକାଦାର , ଯନ୍ତ୍ରୀ ମାଲାମାଲ ହେଉଥିବା



ବେଳେ କୁଣ୍ଡର ଆବଶ୍ୟକତା କେଉଁଠି ପଡୁନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ସବୁ କୁଣ୍ଡ ଗାଁ ଠୁ ବହୁ ଦୂରରେ ତିଆରି ହୋଇ ଥିବାରୁ ଏହାକୁ ବ୍ୟବହାର କରିବା ଏକ ପ୍ରକାର କାଠିକର ପାଠ ହୋଇ ପଡ଼ିଛି ।ଏମିତି କୁଣ୍ଡ କେଉଁଠି ନାହିଁ ଯେଉଁଠି ଆବର୍ଜନା ପଡୁଛି । ଯୁଆଡ଼େ ଦେଖିବ କୁଣ୍ଡର ଅବସ୍ଥା ଫାଙ୍କା ଆଉ ଫାଙ୍କା ।ସେଥିପାଇଁ ସ୍ୱଚ୍ଛ ଭାରତ ମିଶନର ଏଭଳି ଏକ ଯୋଜନା ସମ୍ପୂର୍ଣ୍ଣ ଦିଗହରା ହୋଇ ଯାଇଛି ବୋଲି ବିଭିନ୍ନ ମହଲରେ ଆଲୋଚିତ ହେଉଛି। ତେଣୁ ଜୈବ ବିଘଟନ ଆବର୍ଜନା କୁଣ୍ଡ କେଉଁ କେଉଁ କାମକୁ ବୋଲି ପ୍ରଶ୍ନ ଉଠୁଛି।

## ସମାଜସେବୀ ବାନାମ୍ବର ସାର୍‌ଙ୍କ ପରଲୋକ

**ଡେରାବିଶ, ୯।୧ (ସମିସ):** କେନ୍ଦ୍ରାପଡ଼ା ବ୍ଲକ ଜମଧର ପଞ୍ଚାୟତ ଅନ୍ତର୍ଗତ ଜମଧର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ବହୁ ଅନୁଷ୍ଠାନର ପୃଷ୍ଠପୋଷକ ଓ କର୍ମକର୍ତ୍ତା ସମାଜସେବୀ ବାନାମ୍ବର ସାହୁଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସପିଟାଲ୍‌ରେ ପରଲୋକ ହୋଇଯାଇଛି। ତାଙ୍କ ମରଶରୀରକୁ ସୋମବାର ସକାଳେ ନିଜ ଗ୍ରାମ ଜମଧରକୁ ଅଣାଗଲା ପରେ ସେଠାରେ ତାଙ୍କ ଶେଷ ଦର୍ଶନ ପାଇଁ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚିଥିଲେ। ପରେ ଏକ ସୁସଜ୍ଜିତ ସ୍ୱର୍ଗରଥରେ ତାଙ୍କର ସମ୍ପୃକ୍ତି ଥିବା କେନ୍ଦ୍ରାପଡ଼ା ତିନିମୁହାଣି ସ୍ଥିତ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ କାର୍ଯ୍ୟାଳୟ, ଦୁହୁରିଆ ଶିକ୍ଷକ ଭବନ, ଜମଧର ସେବା ସମବାୟ ସମିତି, ବାଲିଆ ମଧ୍ୟଇଂରାଜୀ ବିଦ୍ୟାଳୟ, ବାଲିଆ ଉଚ୍ଚବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ଅବସରପ୍ରାପ୍ତ କର୍ମଚାରୀ ସଂଘ, ବିଣାପାଣି ସଂଗୀତ ସଦନ, ବାଲିଆ ବଜାର ଶାନ୍ତି କମିଟି, ଚଣ୍ଡିବଜାରସ୍ଥିତ ସାଇମନ୍ଦିର ଓ ପରେ ବାଲିଆ ସ୍ଥିତ ଦୟାନନ୍ଦ ସେବାଶ୍ରମ, ସରସ୍ୱତୀ ଶିଶୁମନ୍ଦିର ଓ ତାଙ୍କର କର୍ମକ୍ଷେତ୍ର ତରାପୁର ବିଦ୍ୟାଳୟକୁ ନିଆଯାଇଥିଲା। ସମସ୍ତ ଅନୁଷ୍ଠାନ ତରଫରୁ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଶେଷରେ ଜମଧର ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କର ଏକମାତ୍ର ପୁତ୍ର ସିଦ୍ଧାର୍ଥ ଶେଖର ସାହୁ ମୁଖାଗ୍ନି ଦେଇଥିଲେ।

## ସମାଜବାଦୀ ନେତା ବିଶ୍ୱନାଥ ଧଳଙ୍କ ଶ୍ରଦ୍ଧାଞ୍ଜଳି ସଭା



**ପଟ୍ଟାମୁଣ୍ଡାଇ, ୯ ।୧(ସମିସ):** ଆଜି ବିଶିଷ୍ଟ ସମାଜବାଦୀ ନେତା ନିଷ୍ପେସିତ ମଣିଷର ଅନ୍ତଃସ୍ୱର ଦିବଙ୍ଗତ ବିଶ୍ୱନାଥ ଧଳଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଜନ୍ମମାଟି ପଟ୍ଟାମୁଣ୍ଡାଇ ଷଣ୍ଢପଲ୍ଲୀ ଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ରାଜ୍ୟର ବହୁ ବିଶିଷ୍ଟ ବ୍ୟକ୍ତି ଓ ରାଜନୈତିକ ନେତୃବୃନ୍ଦ ଯୋଗ ଦେଇଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ବିଶ୍ୱନାଥ ଧଳ ସ୍ମୃତିକମିଟିର ସଭାପତି ପ୍ରଫେସର ଅନୁରୁଦ୍ଧ ରାଉଳଙ୍କ ପୌରହିତ୍ୟ ଓ କଥାକାର ପ୍ରଦୀପ ନାୟକଙ୍କ ସଂଯୋଜନାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସମାଜବାଦୀ ଆନ୍ଦୋଳନର ଅଗ୍ରଦୂତ ଦିବଂଗତ ବିଶ୍ୱନାଥଙ୍କ ଜୀବନାଦର୍ଶ ସମ୍ବଳିତ ସ୍ମରଣିକା "ବିଶ୍ୱ ଚେତନାର ମଣିଷ ବିଶ୍ୱନାଥ' ପୁସ୍ତକକୁ ଅତିଥି କେନ୍ଦ୍ରାପଡ଼ା ବିଧାୟକ ପୂର୍ବତନମନ୍ତ୍ରୀ ଶଶିଭୂଷଣ ବେହେରା,ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଡ଼ଃ କେଳୁଚରଣ ସ୍ୱାଇଁ,ବରିଷ୍ଠ ରାଜନେତା ଡା. ବାସୁଦେବ ପାତ୍ର,ଶିକ୍ଷାବିତ ଲକ୍ଷ୍ମୀଧର ପାତ୍ର, ରାଜ୍ୟପାଳ ପୁରସ୍କୃତ ଶିକ୍ଷକ ସନାତନ ବେହୁରା, ରାଜ୍ୟ ଅମଲା ସଂଘ ପ୍ରାକ୍ତନ ସମ୍ପାଦକ ଅର୍ଜୁନ ମହାକୁଡ,ପ୍ରାକ୍ତନ ବ୍ଲକ ଅଧକ୍ଷ ନିଶିକାନ୍ତ ପ୍ରଧାନ,ପ୍ରଫେସର ଭରତ ଚନ୍ଦ୍ର ପାତ୍ର,ପ୍ରଫେସର ପରୀକ୍ଷିତ ପାତ୍ର,ଚତୁର୍ଭୂଜ ରାଉଳ, କବି ନାରାୟଣ ପ୍ରସାଦ ରାଉଳ, ରାଜ୍ୟ ପୁରସ୍କୃତ ଶିକ୍ଷକ କସ୍ତୁରୀ ଚରଣ ସ୍ୱାଇଁ, ଶିକ୍ଷାବିତ ରାଜକୁମାର ବିଶ୍ୱାଳ,ପଞ୍ଚାନନ ସେନାପତି,ପ୍ରଭାସ ସାମନ୍ତରାୟ,ଶଚ୍ଚିନନ୍ଦନ ଦାସ, ବୈଷ୍ଣବ ଚରଣ ସିଂ,ନାରାୟଣ ବିଶ୍ୱାଳ,ପରିକ୍ଷିତ ରାୟ, ଅଧ୍ୟାପିକା ଭଗବତୀ ରାଉତ,କୈଳାସ ଚନ୍ଦ୍ର ମହାନ୍ତି,ଇଂ ତପନ ପାତ୍ର,ଶିକ୍ଷକ ନେତା ପ୍ରମୋଦ କୁମାର ନାୟକ,ସାମ୍ବାଦିକ ଅନୀଲ ଚୌଧୁରୀ,ରମେଶ ଦେ, ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ ପ୍ରମୁଖ ଦିବଙ୍ଗତ ଧଳଙ୍କ ସ୍ମୃତିଚାରଣ କରିଥିଲେ। ସଞ୍ଜିବ କୁମାର ବିଶ୍ୱାଳ,ଅଶୋକ ଧଳ,ଜୟପ୍ରକାଶ ରାଉତ,ମାନସ ରଞ୍ଜନ ଧଳ,ଅବିନାଶ ଧଳ,ମମତା ଧଳ,ନମିତା ଧଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଓଶେଷରେ ସାମ୍ବାଦିକ ଚିତ୍ତରଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଦାନପୁର ଓ କୁଶିଆପାଳ ସମିତିରେ ଖୋଲିଲା ଧାନମଣ୍ଡି



**ଡେରାବିଶ, ୯।୧ (ସମିସ):** କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନସ୍ଥ ଡେରାବିଶ ବ୍ଲକର ଦାନପୁର ଓ କୁଶିଆପାଳ ପ୍ରାଥମିକ କୃଷି ସମବାୟ ସମିତିରେ ଆଜି ଧାନମଣ୍ଡିର ଉଦ୍‌ଘାଟନ କରାଯାଇଛି। ଆଜି ପୂର୍ବାହ୍ନରେ ଦାନପୁର ସମବାୟ ସମିତିର ମଣ୍ଡି ଉଦ୍‌ଘାଟନ ଉତ୍ସବରେ ପରିଚାଳନା ବୋଡର୍ ସଭାପତି ପର୍ଶୁରାମ ମଲ୍ଲ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବରେ ଜିଲ୍ଲା ସମବାୟ ସମିତି ସମୂହର ଉପ ସହକାରୀ ନିବନ୍ଧକ ରବି ନାରାୟଣ ସାହୁ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ସୁବ୍ରତ ନାୟକ ଚାଷୀମାନଙ୍କ ଠାରୁ କେଉଁ କ୍ରମରେ ଓ କେଉଁ ନିୟମରେ ଧାନ କ୍ରୟ କରାଯିବ ସେ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। ଏହି ସଭାରେ ପରିଚାଳନା କମିଟିର ଉପସଭାନେତ୍ରୀ ଅନ୍ନପୂର୍ଣ୍ଣା ଦାସ, ନିର୍ଦ୍ଦେଶକ ଅନାଥ ବନ୍ଧୁ ଜେନା, ରଜତ ବଳ, ବସନ୍ତ କୁମାର ସାହୁ, ସୁଧୀର ରାଉତଙ୍କ ସମେତ ଅଗ୍ରଣୀ ଚାଷୀ କୃଷ୍ଣ ଚନ୍ଦ୍ର ବଳ, ଅମ୍ବିକା ପ୍ରସାଦ ରଥ, ବଂଶୀଧର ଜେନା, ପୂର୍ବତନ ସରପଞ୍ଚ ଯୋଗାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମକୁ ସହ-ସମ୍ପାଦକ ତନ୍ମୟ ବେହେରା ଓ କର୍ମଚାରୀ ଉମେଶ ପରିଡ଼ା ପରିଚାଳନାରେ ସହଯୋଗ କରିଥିଲେ। ସେହିପରି କୁଶିଆପାଳ ଠାରେ ଥିବା ମଣ୍ଡିକୁ ସମବାୟ ସମିତି ସଭାପତି ନାରାୟଣ ପ୍ରସାଦ ପାତ୍ର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପସଭାନେତ୍ରୀ ସସ୍ମିତା ପାତ୍ରଙ୍କ ସମେତ ପରିଚାଳନା କମିଟିର ସମସ୍ତ ନିର୍ଦ୍ଦେଶକ ଏବଂ ଅଗ୍ରଣୀ ଚାଷୀ ପ୍ରଶାନ୍ତ କୁମାର ନାୟକ, ବଂଶୀଧର ଦାସଙ୍କ ସମେତ ବହୁ ଚାଷୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସମ୍ପାଦକ ମୃତ୍ୟୁଞ୍ଜୟ ଦାଶ ଚାଷୀମାନଙ୍କ ଠାରୁ ଧାନ କ୍ରୟ ପାଇଁ ସରକାରଙ୍କ ପକ୍ଷରୁ କରାଯାଇଥିବା ସମସ୍ତ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ।

## ସିକିମ ସ୍ୱତ୍ୱ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**କେନ୍ଦ୍ରାପଡ଼ା, ୯ ।୧(ସମିସ):**

ସିକିମ ସତ୍ତ୍ୱ ଜମି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ସରକାରଙ୍କ ଐତିହାସିକ ନିଷ୍ପତ୍ତି ପରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଦୃଢ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜସ୍ୱ ବିଭାଗ ନିର୍ଦ୍ଦେଶକ୍ରମେ ଜିଲ୍ଲାର ୧୦,୧୫୦ ସିକିମ ସତ୍ତ୍ୱର ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳ ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ରାଜସ୍ୱ ନିରୀକ୍ଷକଙ୍କୁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ମୁତାବକ, ଓଡ଼ିଶା ଭୂସଂସ୍କାର ଆଇନ-୧୯୬୦ ଅନୁସାରେ ସିକିମ ଜମିରେ ରୟତି ଘୋଷଣା ନିମନ୍ତେ ଆବେଦନ କରିବାର ଶେଷ ଅବଧି ୧୯୭୭ ପର୍ଯ୍ୟନ୍ତ ରହିଥିଲା। ମାତ୍ର ଏହି ସମୟ ମଧ୍ୟରେ ଜିଲ୍ଲାର ସମସ୍ତ ସିକିମ ଚାଷୀ ଆବେଦନ କରିପାରି ନ ଥିଲେ। ଫଳରେ ସିକିମ




ଭାବେ ରେକଡର୍‌ଭୁକ୍ତ ହୋଇଥିବା ଜମିକୁ ଜବରଦଖଲ କରୁଥିବା ଉପ-ରୟତ କିମ୍ବା ଅଧସ୍ତନ ରୟତ ଅଥବା ସେମାନଙ୍କ ଉତ୍ତରାଧିକାରୀଙ୍କୁ ସେହି ଜମି ଉପରେ ରୟତି ଅଧିକାର ମିଳିପାରି ନ ଥିଲା। ଓଡ଼ିଶା ଭୂସଂସ୍କାର ଆଇନ-୧୯୬୦ର ଆବଶ୍ୟକୀୟ ସଂଶୋଧନ ପରେ ଏବେ ଯେଉଁମାନେ ସିକିମ୍ ଜମିକୁ ଚାଷ ବା ବାସଗୃହ ଭାବେ ବ୍ୟବହାର କରୁଛନ୍ତି, ସେହି ଜମିର ରୟତି ଅଧିକାର ପାଇବା ପାଇଁ ରାଜସ୍ୱ ଅଧିକାରୀଙ୍କ ନିକଟରେ ସଂପୃକ୍ତ ଚାଷୀ ଆବେଦନ କରିପାରିବେ। ତହସିଲଦାର ମଧ୍ୟ ସ୍ୱତଃପୂର୍ତ୍ତ ଭାବେ ସିକିମ ଭାବେ ରେକଡର୍ ହୋଇଥିବା ଜମିକୁ ଦଖଲ କରୁଥିବା ଉପ-ରୟତ କିମ୍ବା ଅଧସ୍ତନ ରୟତ ଅଥବା ସେମାନଙ୍କ ଉତ୍ତରାଧିକାରୀକୁ ସେହି ଜମି ଉପରେ ରୟତି ଅଧିକାର ଦେବା ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ। ଏହି କ୍ରମରେ ତହସିଲଦାର, ଅତିରିକ୍ତ ତହସିଲଦାର, ରାଜସ୍ୱ ନିରୀକ୍ଷକଙ୍କ ସହ ବୈଠକ କରି ସମସ୍ତ ସିକିମ ଖାତାଗୁଡ଼ିକୁ ଓଏଲ୍‌ଆର୍ ଆକ୍ଟ ଅନୁସାରେ ତିନିଦିନ ମଧ୍ୟରେ ଦାଖଲ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଚଳିତମାସ ଶେଷ ସୁଦ୍ଧା ସମସ୍ତ କେସ୍ ଫଇସଲା କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଡେପୁଟି କଲେକ୍ଟର(ରେଭେନ୍ୟୁ) କୁଇନି ଜେନା ଉପସ୍ଥିତ ଥିଲେ। ରାଜସ୍ୱ ଅଧିକାରୀ ଆଦେଶନାମା ଜାରି କରିବା ବେଳେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଅର୍ଥରାଶି ଅନୁସାରେ କ୍ଷତିପୂରଣ ସ୍ଥିର କରିବେ। ସିକିମ୍ ଜମି ଉପରେ ଉପ-ରୟତ କିମ୍ବା ଅଧସ୍ତନ ରୟତ କିମ୍ବା ସେମାନଙ୍କ ଉତ୍ତରାଧିକାରୀ ରୟତ ଭାବେ ଘୋଷିତ ହେବା ପରେ ସେମାନଙ୍କୁ ସେହି ଜମି ଉପରେ ବଂଶାନୁକ୍ରମିକ ଓ ହସ୍ତାନ୍ତରଯୋଗ୍ୟ ଅଧିକାର ମିଳିବ।

## ବିଜ୍ଞାନ ଅଲିମ୍ପିଆଡ୍‌ରେ ପଙ୍କପାଳ ସେଣ୍ଟ ଜାଭିଅର୍‌ର ୮ ଜଣଙ୍କୁ ସ୍ୱର୍ଣ୍ଣ

**କୁଜଙ୍ଗ, ୯।୧(ସମିସ):** ସଫ୍ ପକ୍ଷରୁ ଜାତୀୟ ବିଜ୍ଞାନ ଅଲମ୍ପିଆଡ୍ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ବେଳେ ଚଳିତ ବର୍ଷ କୁଜଙ୍ଗ ବ୍ଲକର ସେଣ୍ଟଣ୍ଟ ଜାଭିଅର୍ ଆଇସ୍କୁଲ, ରାହାମା ପଙ୍କପାଳର ବହୁ ସଫଳତା ହାସଲ କରିଛି। ଏହି ବିଦ୍ୟାଳୟ ଜାତୀୟ ସ୍ତରରେ ଓ ଜୋନାଲ ସ୍ତରରେ ପୂର୍ବ ବର୍ଷ ତୁଳନାରେ ଅଧିକ ସଫଳତା ଓ ଉଚ୍ଚ ସ୍ଥାନକୁ ଗତି କରି କରିଛି। ବିଦ୍ୟାଳୟର ଚତୁର୍ଥ ଷ୍ଟାଣ୍ଡାର୍ଡର ଆୟୁଶ ଖଣ୍ଡୁଆଳ, ସାଇ ଶୁଭମ୍ ଦାସ ସଂଘମିତ୍ରା ପ୍ରିୟଦର୍ଶିନୀ, ଅଂଶୁମାନ ବେହେରା, ସୁହାନ ରାଉତ, ବିକ୍ରମାଦିତ୍ୟ ମହାପାତ୍ର, ଜ୍ଞାନପ୍ରିୟ ଦାସ ପ୍ରମୁଖ ସାଧାରଣ ଜ୍ଞାନ ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିବାକୁ ସକ୍ଷମ ହୋଇଥିବା ବେଳେ ଜୋନାଲ ସ୍ତରକୁ ୧୨ ଜଣ ବିଦ୍ୟାର୍ଥୀ ଉନ୍ନୀତ ହୋଇଛନ୍ତି। ପିଲା ମାନଙ୍କ ସଫଳତା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଅଭିଭାବକଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଥିବା ବେଳେ ବିଦ୍ୟାଳୟର ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ଆଚାର୍ଯ୍ୟ, ଲୋକ ସମ୍ପର୍କ ଅଧିକାରୀ ସୁଶାନ୍ତ କୁମାର ସ୍ୱାଇଁ, ବରିଷ୍ଠ ଶିକ୍ଷକ ରଜତ ମହାପାତ୍ର, ବିଭୂ ପ୍ରସାଦ ମହାପାତ୍ର, ରଶ୍ମିତା ଦାସ ପ୍ରମୁଖ ଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରିଛନ୍ତି।

## ଡେରାବିଶ ବ୍ଲକ ଉପାଧ୍ୟକ୍ଷଙ୍କ ମାତୃବିୟୋଗ



**ଡେରାବିଶ, ୯।୧ (ସମିସ):** ଡେରାବିଶ ବ୍ଲକ ଉପାଧ୍ୟକ୍ଷ ତଥା ବ୍ଲକ ବିଜେଡ଼ି ସଭାପତି ଦେବାଶୀଷ ଆଚାର୍ଯ୍ୟଙ୍କ ମା' ହେମଲତା ଆଚାର୍ଯ୍ୟ (୮୬)ଙ୍କର ଆଜି ଅପରାହ୍ନରେ ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ କାଦୁଆ ଗ୍ରାମସ୍ଥିତ ନିଜ ବାସଭବନରେ ପରଲୋକ ହୋଇଯାଇଛି। ଗତ ଦୁଇଦିନ ହେବ ସେ ଅସୁସ୍ଥ ଥିଲେ। ହେମଲତା ଜଣେ ଧର୍ମ ପରାୟଣା, ମେଳାପୀ, ପରୋପକାରୀ ଓ ମିଷ୍ଟଭାଷୀ ମହିଳା ଭାବେ ଅଞ୍ଚଳବାସୀଙ୍କ ପ୍ରିୟପାତ୍ର ଥିଲେ। ତାଙ୍କ ପରଲୋକ ଖବର ପ୍ରଚାରିତ ହେବା କ୍ଷଣି ରାଜ୍ୟ ବିଜେଡ଼ି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ, ବରିଷ୍ଠ ବିଜେଡ଼ି ନେତା ପ୍ରାଧ୍ୟାପକ ଅଜୟ ରାଉତ, ବ୍ଲକ ଆମ୍ବା ଅଧ୍ୟକ୍ଷ ଗଣେଶ୍ୱର ବେହେରା, ପୂର୍ବତନ ସରପଞ୍ଚ ଯୋଗାନନ୍ଦ ମହାନ୍ତି, ପଲେଇ ସରପଞ୍ଚ ଅକ୍ଷୟ ସାହୁ, ବ୍ଲକ ବିଜେଡ଼ି ମହିଳା ସଭାନେତ୍ରୀ ତୃପ୍ତିମୟୀ କର, ପ୍ରମୋଦ ଭଦ୍ର, ଦେବରାଜ ମହାପାତ୍ର, ଅରବିନ୍ଦ ମଲିକଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ପରିଷଦ ସଦସ୍ୟ, ବିଜେଡ଼ି ନେତୃବୃନ୍ଦ ତାଙ୍କ ବାସଭବନରେ ପହଞ୍ଚି ହେମଲତା ମରଶରୀରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ହେମଲତା ବିୟୋଗରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ଏକ ଶୋକାକୂଳ ପରିବେଶ ମଧ୍ୟରେ ତାଙ୍କର ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ହେମଲତାଙ୍କ ତିନିପୁଅ ପ୍ରସନ୍ନ, ଶ୍ରୀନିବାସ, ଦେବାଶିଷ, ତିନିବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ ଓ ବନ୍ଧୁବର୍ଗ ଉପସ୍ଥିତ ରହିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରାପଡ଼ା ରାଜସ୍ୱ ଅମଲା ସଂଘର କୃତଜ୍ଞତା

**କେନ୍ଦ୍ରାପଡ଼ା, ୯ ।୧(ସମିସ):** ରାଜସ୍ୱ ଅମଲା ସଂଘର କେନ୍ଦ୍ରପଡ଼ା ଜିଲ୍ଲା ଶାଖାରେ ଖେଳି ଯାଇଛି ଖୁସିର ଲହରୀ। ରାଜସ୍ୱ ଅମଲା କର୍ମଚାରୀଙ୍କୁ ରାଜ୍ୟ ସରକାର ସେପାରେଟ୍ କ୍ୟାଡର୍ ଭାବେ ଘୋଷଣା କରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ୍, ବିଜେଡ଼ି ସାଙ୍ଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ସଂଘର ଜିଲ୍ଲା ଶାଖା ପକ୍ଷରୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରାଯାଇଛି। ଏହା ସହ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ରାଜସ୍ୱ ବିପର୍ଯ୍ୟୟ ଓ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ ଦେବ, ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ବରିଷ୍ଠ ପ୍ରଶାସନିକ ଅଧିକାରୀ ଲାଲା ମନୋଜ ରାୟ, ରବିନ୍ଦ୍ର ସେଠୀ, ଆଦିତ୍ୟ ମହାପାତ୍ରଙ୍କୁ ମଧ୍ୟ ସଂଘ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଛି। ସୂଚନାଯୋଗ୍ୟ, ଓଡ଼ିଶା ରାଜସ୍ୱ ଅମଲା କର୍ମଚାରୀଙ୍କୁ ପୃଥକ ପାହ୍ୟା (ସେପାରେଟ୍ କ୍ୟାଡର୍) ଓ ଅନ୍ୟାନ୍ୟ ଦାବି ଘୋଷଣା ନେଇ ସଂଘ ୨୦୧୭ ମସିହାଠାରୁ ଆନ୍ଦୋଳନ




କରିଆସୁଥିଲା। ୨୦୧୭ ମସିହାରେ ୨୧ ଦିନ ଓ ୨୦୧୮ ମସିହାରେ ୨୪ ଦିନ ଏହି ଦାବି ନେଇ ଓଡ଼ିଶା ରାଜସ୍ୱ ଅମଲା ସଂଘ ଦ୍ୱାରା କଲମ ଛାଡ଼ ଓ କାର୍ଯ୍ୟବନ୍ଦ ଆନ୍ଦୋଳନ ଯଥାକ୍ରମେ ଅନୁଷ୍ଠିତ ହୋଇଥିଲା। ସରକାର ରାଜସ୍ୱ ଅମଲା ସଂଘର ଏହି ଦାବିର ଯଥାର୍ଥତାକୁ ହୃଦୟଙ୍ଗମ କରି ଏବଂ ରାଜସ୍ୱ ଅମଲା ମାନଙ୍କର ସ୍ୱତନ୍ତ୍ର କାର୍ଯ୍ୟଶୈଳୀ ଓ କାର୍ଯ୍ୟଭାରକୁ ଅନୁଭବ କରି ସେମାନଙ୍କ ଦାବିକୁ ମାନିନେଇଛନ୍ତି। ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପତ୍ର ସଂଖ୍ୟା ୬୯୮ ଯୋଗେ ଏହି ବିଜ୍ଞପ୍ତି ପ୍ରକାଶ ପାଇବା ପରେ କର୍ମଚାରୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏହି ସେପାରେଟ୍ କ୍ୟାଡର୍ ଘୋଷଣା ପରେ କେନ୍ଦ୍ରାପଡ଼ା ଜିଲ୍ଲା ରାଜସ୍ୱ ଅମଲା ସଂଘ ଏକ ସାଧାରଣ ସଭାର ଆୟୋଜନ କରିଥିବା ବେଳେ ଏଥିରେ ଯୋଗ ଦେଇଥିବା ପୂର୍ବତନ ସଭାପତି ତଥା ଉପଦେଷ୍ଟା ଦୀନବନ୍ଧୁ ରଥ, ଉପଦେଷ୍ଟା ଦିବାକର ମହାନ୍ତି, ଜିଲ୍ଲା ସଭାପତି ସୁକାନ୍ତ କୁମାର ଜେନା, ରାଜ୍ୟ ଉପସଭାପତି ଶୈଳେନ୍ଦ୍ର ନାରାୟଣ ପ୍ରଧାନ, ସମ୍ପାଦକ ବିଭୂତି ଭୂଷଣ ବେହେରା, କାର୍ଯ୍ୟକାରୀ ସଭାପତି ରାଜେଶ ମହାନ୍ତି, ପ୍ରଦୀପ କୁମାର ଦାସ ଓ ସମସ୍ତ ସଭ୍ୟସଭ୍ୟା ମୁଖ୍ୟମନ୍ତ୍ରୀ ଓ ୫ଟି-ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ଦୁବାଇ ଯିବେ ଡେରାବିଶ ବିଏଲଏଫ୍‌ର ସମ୍ପାଦିକା ମନୋରମା

**ଡେରାବିଶ, ୯।୧ (ସମିସ):** ସରକାର ମିଶନ ଶକ୍ତି ମାଧ୍ୟମରେ ସ୍ୱୟଂ ସହାୟିକା ଗୋଷ୍ଠୀକୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ଭାବେ ପ୍ରତିଷ୍ଠା କରିବା ପାଇଁ ସମସ୍ତ ପ୍ରକାର ପ୍ରୋତ୍ସାହନ ଯୋଗାଇ ଦେଇ ଆସୁଛନ୍ତି। ସେମାନଙ୍କୁ ଉଦ୍ୟୋଗୀ ହେବା ପାଇଁ ବିନା ସୁଧରେ ବ୍ୟାଙ୍କ ଋଣ ପ୍ରଦାନ କରିବା ସହ ଅତ୍ୟାଧୁନିକ ତାଲିମ ଦେବା, ସେମାନଙ୍କ ଉତ୍ପାଦିତ ସାମଗ୍ରୀକୁ ବିକ୍ରି କରିବା ପାଇଁ ବିଭିନ୍ନ ବ୍ୟବସ୍ଥା କରାଉଛନ୍ତି। ଇତିମଧ୍ୟରେ ମିଶନ ଶକ୍ତି ଆଉ ପାଦେ ଆଗେଇ ଯାଇ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ରାଜ୍ୟ ଓ ଦେଶ ବାହାରକୁ ଏକ୍ସପୋଜର ଭିଜିଟ୍‌ରେ ପଠାଇ ସେଠାରେ ମହିଳାମାନେ କିପରି ସେମାନଙ୍କର ଉଦ୍ୟୋଗ ପ୍ରତିଷ୍ଠା କରିପାରିଛନ୍ତି ସେ ସମ୍ପର୍କରେ ଜ୍ଞାନ ଆହରଣ କରାଉଛନ୍ତି। ଆଜି ଏହି କ୍ରମରେ ମିଶନଶକ୍ତି ବିଭାଗ ପକ୍ଷରୁ ଡେରାବିଶ ବ୍ଲକ ମିଶନଶକ୍ତି ଫେଡେରସନ୍‌ର ସମ୍ପାଦିକା ମନୋରମା ରାଉତଙ୍କୁ ଏକ୍ସପୋଜର ଭିଜିଟ୍‌ରେ ଦୁବାଇ ପଠାଇବା ପାଇଁ ସ୍ଥିର କରାଯାଇଛି। ମନୋରମା ଡେରାବିଶ ବ୍ଲକ ଅଞ୍ଚଳର ସମସ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ପ୍ରତିନିଧି ଭାବେ ଦୁବାଇ ଯାଇ ସେଠାରେ ବିଭିନ୍ନ ଉଦ୍ୟୋଗ ପରିଦର୍ଶନ କରି ବିଭିନ୍ନ ପ୍ରକାର ଉନ୍ନତମାନର ସାମଗ୍ରୀର ଉତ୍ପାଦନ ସମ୍ବନ୍ଧୀୟ ଜ୍ଞାନ ଆହରଣ କରିବେ। ଆଜି ଏହି ଖବର ପ୍ରାପ୍ତ ହେବା ପରେ ବ୍ଲକ ବିପିସି ବିଜୟ ଲକ୍ଷ୍ମୀ ବେହେରା, ବିପିଏମ୍ ହିମାଂଶୁ ଶେଖର ଭଦ୍ରଙ୍କ ସମେତ ସମସ୍ତ ମିଶନ ଶକ୍ତି କର୍ମଚାରୀ, ଏମ୍‌ବିକେ, ସିଆରପି, ବ୍ୟାଙ୍କମିତ୍ର, ବ୍ଲକ ଅନ୍ତର୍ଗତ ସମସ୍ତ ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାମାନେ ମନୋରମାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୂଚନା ଯୋଗ୍ୟ ମନୋରମା ଆସନ୍ତା ୧୦ ତାରିଖ ଦିନ ଦୁବାଇ ଅଭିମୁଖେ ଯାତ୍ରା କରିବେ।



## ଓଡ଼ିଶା ଯାଯାବର କଳାକାର ସଂଘର ଚତୁର୍ଥ ବାର୍ଷିକ ଉତ୍ସବ

**ବିରିଡି , ୯ ।୧ (ସମିସ):** ବିରିଡି ବ୍ଲକ ଶ୍ରୀ ଶ୍ରୀ ଝୁଲା ଗୋପିନାଥ ଜୀଉ ନାଟ୍ୟ କଳା ସଂସଦ ବାଲିଆ ଗୋପିନାଥ ପୁର ଆନୁକୁଲ୍ୟରେ ଓଡିଶା ଯାଯାବର କଳାକାର ସଂଘର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବାଲିଆ ପଞ୍ଚମୁଖୀ ହନୁମାନ ବାଟିକାରେ ଆୟୋଜିତ ଉତ୍ସବରେ ସଂଘର ଉପସଭାପତି ମାତୃପ୍ରସାଦ ଦାଶ ସଭାପତିତ୍ୱ କରିଥିଲେ। ଏଥିରେ ଅତିଥି ଭାବେ ସମାଜସେବୀ ନୃସିଂହ ଚରଣ ଦାଶ, ନେତ୍ରାନନ୍ଦ ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ର ଶେଖର ଦାଶ ଯୋଗଦେଇ ସମାଜରେ କଳାକାରଙ୍କ ଭୂମିକାକୁ ନେଇ ଆଲୋଚନା କରିଥିଲେ। ମୁଖ୍ୟ ଉପଦେଷ୍ଟା ଅବିନାଶ



ଦଣ୍ଡପାଟ, ସଂସ୍କୃତିକ ପରାମର୍ଶଦାତା ନିରଜଂନ ମହାପାତ୍ର, କୋଷାଧକ୍ଷ ହିମାଂଶୁ ମହାନ୍ତି, ମିଡିଆ ସଂଯୋଜକ ବିଜୟ ସାହୁ , ନିର୍ଦ୍ଦେଶକ ଶୁଶାନ୍ତ ଦାସ, ଭଗବାନ ପଣ୍ଡା, ରଞ୍ଜନ ବର୍ଦ୍ଧନ, ସୁଦର୍ଶର୍ନ ତ୍ରିପାଠୀ, ପ୍ରଭାତ ସାମଲ ପ୍ରମୁଖ ଯୋଗଦେଇ ସଂଘର ଆଭିମୁଖ୍ୟ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶ୍ରୀ ଶ୍ରୀ ଝୁଲା ଗୋପିନାଥ ଜୀଉ ନାଟ୍ୟ କଳା ସଂସଦର ବଂଶିଧର ଶ୍ରୀକାନ୍ତ , ସୁଶାନ୍ତ, ଶଶି, ପ୍ରତାପ, ବୋବୁ, ସୁନିଲ, ବୁଟୁ ପ୍ରମୁଖ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ମୁଖ୍ୟ ବିଜୟ କୁମାର ପୃଷ୍ଟି ଧନ୍ୟବାଦ ଦେଇଥିଲେ।

**ଗ୍ରାହକ ସେବାକେନ୍ଦ୍ର କର୍ମଚାରୀର ପରିଚୟ ଦେଇ ଲୁଟ୍**

## ୯୦ହଜାର ଟଙ୍କା ଲୁଟିନେଲା ସାଇବର ଅପରାଧୀ

**କେନ୍ଦ୍ରାପଡ଼ା, ୯।୧(ସମିସ)**

ନିଜକୁ ଗ୍ରାହକ ସେବା କେନ୍ଦ୍ରର କର୍ମଚାରୀର ପରିଚୟ ଦେଇ ଜଣେ ବ୍ୟକ୍ତିଙ୍କୁ ୯୦ହଜାର ଟଙ୍କାର ସାଇବର ଚୂନ ଲଗାଇଛନ୍ତି ସାଇବର୍ ଲୁଟେରା। କ୍ଷ ଏହିଭଳି ଏକ ଘଟଣା କେନ୍ଦ୍ରାପଡ଼ା ଟାଉନ୍‌ଥାନା ଅଧୀନ ମନକରପୁରର ପ୍ରତାପ ରୁଦ୍ର ଓଝାଙ୍କ ସହ ଘଟିଛି।

ପ୍ରତାପ ରୁଦ୍ରଙ୍କ ନମ୍ବରକୁ ଏକ ଫୋନ୍ କଲ୍ ଆସିଥିଲା। ସେପଟୁ ନିଜକୁ ଗ୍ରାହକ ସେବାକେନ୍ଦ୍ରର ଜଣେ କର୍ମଚାରୀର ପରିଚୟଦେଇ ପ୍ରତାପଙ୍କ ସହିତ କଥା ହୋଇଥିଲେ। ପ୍ରତାପଙ୍କ ନିକଟରେ ଥିବା କ୍ରେଡିଟ କାର୍ଡଟି କାହିଁକି ଦୀର୍ଘଦିନ ହେଲା ବ୍ୟବହାର ହୋଇନଥିଲା ସେନେଇ ପଚାରିଥିଲେ। ହେଲେ କ୍ରେଡିଟ କାର୍ଡର କୌଣସି ଆବଶ୍ୟକତା ପଡୁନଥିବା ପ୍ରତାପ କହିଥିଲେ। ତେବେ ଏହି କାର୍ଡଟିକୁ କ୍ଲୋଜ କରିବାକୁ ସାଇବର ଠକ ଜଣକ ପ୍ରତାପଙ୍କୁ ପ୍ରସ୍ତାବ ଦେଇଥିଲେ। ଏଥିରେ ପ୍ରତାପ ରାଜି ହୋଇ ତାଙ୍କ କଥା ଅନୁଯାୟୀ କାର୍ଯ୍ୟ କରିଥିଲେ। ସାଇବର ଠକ ପ୍ରତାପଙ୍କ ମୋବାଇଲକୁ ପଠାଇଥିବା ଏକ ଓଟିପି ସେ ସେୟାର କରିଥିଲେ। ଏହା ପରେ କ୍ରେଡିଟ କାର୍ଡଟି କ୍ଲୋଜିଂ ପ୍ରୋସେସିଂରେ ରହିଲା ବୋଲି କୁହାଯାଇଥିଲା। ସେହିଦିନ ସନ୍ଧ୍ୟା ସମୟରେ ପୁଣିଥରେ ଦୁର୍ବୃତ୍ତ ପ୍ରତାପଙ୍କ ଫୋନ୍‌କୁ ଆଉ ଏକ ଓଟିପି ପଠାଇ କାର୍ଡଟିକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ପ୍ରସ୍ତାବ ଦେଇଥିଲା। ହେଲେ ଦ୍ୱିତୀୟଥର ଓଟିପି ନମ୍ବର ପାଇବା ପରେ ପ୍ରତାପଙ୍କ ଆକାଉଣ୍ଟରୁ ୯୦ହଜାର ଟଙ୍କା କଟିଛି ବୋଲି ଏକ ମେସେଜ ପ୍ରତାପ ପାଇଥିଲେ। ଏନେଇ ସମ୍ପୃକ୍ତ ବ୍ୟାଙ୍କ୍ ଓ ସାଇବର ସେଲରେ ପ୍ରତାପ ଅଭିଯୋଗ କରିଥିଲେ। ଏନେଇ ବ୍ୟାଙ୍କ୍ ଓ ସାଇବର ସେଲ ପକ୍ଷରୁ ନିକଟସ୍ଥ ଥାନାରେ ଏକ ଲିଖିତ ଅଭିଯୋଗ କରିବାକୁ ପରାମର୍ଶ ଦିଆଯିବା ପରେ ପ୍ରତାପ କେନ୍ଦ୍ରାପଡ଼ା ଟାଉନ୍ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

